RNI No.ODIODI/2010/33031

୧୭ ବର୍ଷ Volume- 17

ISSUE -107 ସଂଖ୍ୟା-୧୦୭

ଭୁବନେଶ୍ୱର, ସୋମବାର ୦୬ ଜୁଲାଇ ୨୦୨୬

Bhubaneswar, Monday 06 July, 2026

୦୮ ପୃଷ୍ଠା Pages-08

ମୂଲ୍ୟ : ୨.୦୦ ଟଙ୍କା Price : Rs.2.00

www.odishamanthan.com

# MANTHAN ମନ୍ଥନ

www.odishamanthan.com RNI No. ORIORI/2010/33031

ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ଆଜି ନୂତନ ପୁରୀ-କୋରାପୁଟ ଏକ୍ସପ୍ରେସ ଏବଂ ବ୍ରହ୍ମପୁର-ଉଧନା (ସୁରଟ) ଅମୃତ ଭାରତ ଏକ୍ସପ୍ରେସର ନିୟମିତ ସେବାର ହେବ ଶୁଭାରମ୍ଭ

## ନୂତନ ରେଳ ସେବା ଦ୍ୱାରା ଯୋଗାଯୋଗ, ଯାତ୍ରୀ ସୁବିଧା, ପର୍ଯ୍ୟଟନ, ବାଣିଜ୍ୟ ଏବଂ ଆଞ୍ଚଳିକ ଅର୍ଥନୈତିକ ବିକାଶରେ ଉନ୍ନତି ହେବ

ଭୁବନେଶ୍ୱର,୫।୭(ନି.ପ୍ର.): ଓଡ଼ିଶାରେ ରେଳ ସଂଯୋଗୀକରଣକୁ ସୁଦୃଢ଼ କରିବା ଏବଂ ଯାତ୍ରୀ ସେବାରେ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ମୋହନ ଚରଣ ମାଝୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ଅଶ୍ୱିନୀ ବୈଷ୍ଣବ, ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ୬ ଜୁଲାଇ ୨୦୨୬ରେ ପୁରୀ ରେଳଷ୍ଟେସନରୁ 'ପୁରୀ-କୋରାପୁଟ ଉଦ୍‌ଘାଟନୀ ସ୍ପେଶାଲ' ଏବଂ ବ୍ରହ୍ମପୁର ରେଳଷ୍ଟେସନରୁ 'ବ୍ରହ୍ମପୁର-ଉଧନା (ସୁରଟ) ଅମୃତ ଭାରତ ଉଦ୍‌ଘାଟନୀ ସ୍ପେଶାଲ' (ଯାହା ସପ୍ତାହକୁ ୩ ଦିନ ପରିବର୍ତ୍ତେ ଏଣିକି ଦୈନିକ ସେବାରେ ପରିଣତ ହେଉଛି) ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ।



ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯାତ୍ରୀବାହୀ ସେବା ଓଡ଼ିଶା ଭିତରେ ଏବଂ ଓଡ଼ିଶା ସହିତ ପଶ୍ଚିମ ଭାରତର ସଂଯୋଗୀକରଣକୁ ଯଥେଷ୍ଟ ଉନ୍ନତ କରିବ, ଏଥିସହିତ ପର୍ଯ୍ୟଟନ, ବାଣିଜ୍ୟ, ନିଯୁକ୍ତି ସୁଯୋଗ ଏବଂ ଆଞ୍ଚଳିକ ସାମାଜିକ-ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବ। ପୁରୀ-କୋରାପୁଟ ଏକ୍ସପ୍ରେସର ନିୟମିତ ସମୟସୂଚୀ ପୃଥକ ଭାବେ ଜଣାଇ ଦିଆଯିବ।

ପୁରୀ-କୋରାପୁଟ ଏକ୍ସପ୍ରେସର ପ୍ରଚଳନ ଦ୍ୱାରା ପବିତ୍ର ସହର ପୁରୀ ଏବଂ ଆଦିବାସୀ ବହୁଳ ଅଞ୍ଚଳ କୋରାପୁଟ ମଧ୍ୟରେ ସିଧାସଳଖ ରେଳ ସଂଯୋଗ ପ୍ରଦାନ କରି ଜନସାଧାରଣଙ୍କ ଏକ ଦୀର୍ଘଦିନର ଆଶାକୁ ପୂରଣ କରିବ । ଏହି ଟ୍ରେନ୍ ରାଜ୍ୟର ବିଭିନ୍ନ ଧାର୍ମିକ ସ୍ଥଳ, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଏବଂ ବ୍ୟବସାୟିକ କେନ୍ଦ୍ରଗୁଡ଼ିକୁ ଯାତାୟାତ ସହଜ କରି ଶ୍ରଦ୍ଧାଳୁ, ପର୍ଯ୍ୟଟକ, ଛାତ୍ରଛାତ୍ରୀ, ରୋଗୀ, ବ୍ୟବସାୟୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ବହୁ ପରିମାଣରେ ଉପକୃତ କରିବ।ଏହି ଉଦ୍‌ଘାଟନୀ ସ୍ପେଶାଲ୍ ନିୟମିତ ଟ୍ରେନ୍ ନମ୍ବର ୧୮୪୦୭/୧୮୪୦୮ ପୁରୀ-କୋରାପୁଟ-ପୁରୀ ଏକ୍ସପ୍ରେସର ପ୍ରାରମ୍ଭକୁ ସୂଚିତ କରେ, ଏହି ଟ୍ରେନର ବିସ୍ତୃତ ସମୟସୂଚୀ ପୃଥକ ଭାବରେ ଘୋଷଣା କରାଯିବ। ଏହି ଟ୍ରେନଟି ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ଅନୁଗୁଳ, ସମ୍ବଲପୁର, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, କାକିରିଗୁମା ଏବଂ ଦାମନଯୋଡ଼ି ଦେଇ ଚଳାଚଳ କରିବ, ଯାହାଫଳରେ ଉପକୂଳ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ରେଳ ସଂଯୋଗୀକରଣ ଅଧିକ ସୁଦୃଢ଼ ହେବ। ଏହି ଟ୍ରେନ୍ ପୁରୀରୁ ସୋମବାର, ଗୁରୁବାର ଓ ଶନିବାର ଏବଂ କୋରାପୁଟରୁ ମଙ୍ଗଳବାର, ଶୁକ୍ରବାର ଓ ରବିବାର ଦିନ ଚାଲିବ, ଯାହା ସମଗ୍ର ଅଞ୍ଚଳର ଯାତ୍ରୀମାନଙ୍କୁ ସୁବିଧାଜନକ ଯାତ୍ରା ବିକଳ୍ପ ପ୍ରଦାନ କରିବ।

ବ୍ରହ୍ମପୁର-ଉଧନା (ସୁରଟ) ଅମୃତ ଭାରତ ଏକ୍ସପ୍ରେସ, ଯାହା ବର୍ତ୍ତମାନ ସପ୍ତାହରେ ତିନି ଦିନ ଚଳାଚଳ କରୁଛି, ଏହା ଓଡ଼ିଶାକୁ ଗୁଜରାଟ ସହିତ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ରେଳ ସଂଯୋଗ ଭାବରେ ଉଭା ହୋଇଛି ଏବଂ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର ଏବଂ ଗୁଜରାଟର ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳଗୁଡ଼ିକୁ ସେବା ଯୋଗାଇଛି। ଏହାକୁ ନୈନ୍ଦିନ ସେବାରେ ପରିଣତ କରିବା ଦ୍ୱାରା ଯାତ୍ରୀଙ୍କ ସୁବିଧା ଯଥେଷ୍ଟ ବୃଦ୍ଧି ପାଇବ ଏବଂ ଅଧିକ ଯାତ୍ରା ସୁବିଧା ପ୍ରଦାନ କରିବ।

ଏହି ବର୍ଦ୍ଧିତ ସେବା ଶ୍ରମିକ, ଛାତ୍ରଛାତ୍ରୀ, ବ୍ୟବସାୟୀ ଏବଂ ଅନ୍ୟାନ୍ୟ ଯାତ୍ରୀମାନଙ୍କର ସୁଗମ ଗତିବିଧିକୁ ସହଜ କରିବ, ଏଥିସହ ପ୍ରମୁଖ ଶିଳ୍ପ, ବାଣିଜ୍ୟ ଏବଂ ନିଯୁକ୍ତି କେନ୍ଦ୍ରଗୁଡ଼ିକ ମଧ୍ୟରେ ସଂଯୋଗୀକରଣକୁ ସୁଦୃଢ଼ କରିବ। ଏହି ଟ୍ରେନ୍ ଦ୍ୱାରା ସେବା ପାଉଥିବା ରାଜ୍ୟଗୁଡ଼ିକ ମଧ୍ୟରେ ବାଣିଜ୍ୟ, ବ୍ୟବସାୟିକ କାର୍ଯ୍ୟକଳାପ ଏବଂ କର୍ମଚାରୀଙ୍କ ଗତିଶୀଳତାକୁ ମଧ୍ୟ ସମର୍ଥନ କରିବ।ଏହି ନୂତନ ରେଳ ସେବାଗୁଡ଼ିକ ରେଳ ସଂଯୋଗୀକରଣର ସମ୍ପ୍ରସାରଣ, ଯାତ୍ରୀ ସୁବିଧାରେ ଉନ୍ନତି ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ସମର୍ଥନ କରିବା ପାଇଁ ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରୁଛି। ଏହି ପଦକ୍ଷେପଗୁଡ଼ିକ ପର୍ଯ୍ୟଟନ, ବାଣିଜ୍ୟ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ବହୁଳ ଭାବେ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି, ଯାହା 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସଂକଳ୍ପକୁ ସାକାର କରିବାରେ ସହାୟକ ହେବ।

## ବିଶ୍ୱସ୍ତରୀୟ ସବୁଜ ଇନ୍ଧନ ରପ୍ତାନି ବିକାଶ କ୍ଷେତ୍ରରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ଓ ଜାପାନ ଏସିଏମଇ ପ୍ରତିନିଧିମଣ୍ଡଳୀ ସହ ଆଲୋଚନା

ପାରାଦୀପ,୫।୭(ନି.ପ୍ର.): ବିଶ୍ୱ ସାମୁଦ୍ରିକ ଡିକାର୍ବନାଇଜେସନରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବରେ ପାରାଦୀପ ବନ୍ଦର ପ୍ରାଧିକରଣ ଓ ଜାପାନର ମିତ୍ସୁବିସି ଗ୍ୟାସ୍ କେମିକାଲ୍ କମ୍ପାନୀର ଏକ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ଏବଂ ଏଏସିଏମଇ ଗ୍ରୁପ୍ ର ବରିଷ୍ଠ ଅଧିକାରୀମାନେ ଶନିବାର ଦିନ ପାରାଦୀପ ବନ୍ଦର ଗସ୍ତରେ ଆସିଥିଲେ । ଜାପାନୀ ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଇଥିଲେ ପରିଚାଳନା କାର୍ଯ୍ୟନିର୍ବାହୀ ଅଧିକାରୀ ହିଡିଆକି ଆକାସେ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ମାସାହିକୋ ନାଇଟୋ। ପାରାଦୀପର ବିଶାଳ ସବୁଜ ଶକ୍ତି ରପ୍ତାନି ସମ୍ଭାବନା ଅନୁସନ୍ଧାନ କରିବା ଏବଂ ଏକ ବିଶ୍ୱସ୍ତରୀୟ ସବୁଜ ଇନ୍ଧନ ରପ୍ତାନି ଇକୋସିଷ୍ଟମ ବିକାଶ ଓ ସହଯୋଗକୁ ସୁଦୃଢ଼ କରିବା ପାଇଁ ଏହି ପ୍ରତିନିଧି ଦଳ



ପାରାଦୀପ ବନ୍ଦର ପ୍ରାଧିକରଣ ଅଧ୍ୟକ୍ଷ ପି.ଏଲ.ହରନାଦ ଏବଂ ଉପାଧ୍ୟକ୍ଷ ଟି.ଭେନୁ ଗୋପାଲ ଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ।ଏହି ଗସ୍ତ ୧୦ ବର୍ଷର ଐତିହାସିକ ଚୁକ୍ତିନାମା ଅନୁସରଣ କରୁଛି ଯାହା ଅଧୀନରେ ଏସିଏମଇ ଗ୍ରୁପ୍ ପାରାଦୀପରେ ଏହାର ଆଗାମୀ ସୁବିଧାରୁ ମିତ୍ସୁବିସି ଗ୍ୟାସ୍ କେମିକାଲ୍ ?କୁ ବାର୍ଷିକ ୧୦୦,୦୦୦ ଟନ୍ ସବୁଜ ମିଥାନଲ୍ ଯୋଗାଇବ। ଏହି ପ୍ରକଳ୍ପ ଓଡ଼ିଶାର ମହତ୍ତ୍ୱାକାଂକ୍ଷୀ ୬୭,୦୦୦ କୋଟି ନିବେଶର ଏକ ଅଂଶ, ଯାହା ରାଜ୍ୟକୁ ଏକ ପ୍ରମୁଖ ବିଶ୍ୱସ୍ତରୀୟ ସ୍ୱଚ୍ଛ ଶକ୍ତି କେନ୍ଦ୍ର ଭାବରେ ସ୍ଥାନିତ କରିବ।

ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ହରନାଦ କହିଥିଲେ ଯେ 'ପାରାଦୀପ ବନ୍ଦର ସ୍ଥାୟୀ ସ୍ୱଚ୍ଛ ଶକ୍ତି ଆଡକୁ ଆନ୍ତର୍ଜାତୀୟ ପରିବର୍ତ୍ତନକୁ ଆଗେଇ ନେବା ପାଇଁ ସମ୍ପୂର୍ଣ୍ଣ ସଜ୍ଜିତ ଏବଂ ରଣନୈତିକ ଭାବରେ ପ୍ରସ୍ତୁତ। ସୁରକ୍ଷିତ ବିଶ୍ୱସ୍ତରୀୟ ପରିବହନ ଚୁକ୍ତିନାମା ଏବଂ ବିଶ୍ୱସ୍ତରୀୟ ବନ୍ଦର ଭିତ୍ତିଭୂମି ସହିତ, ଆମେ ସବୁଜ ଶକ୍ତି ରପ୍ତାନି, ସ୍ଥାୟୀ ସାମୁଦ୍ରିକ ଇନ୍ଧନ ଏବଂ ସ୍ୱଚ୍ଛ କାର୍ଗୋ ? ଲଜିଷ୍ଟିକ୍ସ ପାଇଁ ପାରାଦୀପକୁ ଏକ ଅଗ୍ରଣୀ ପ୍ରବେଶପଥ ଭାବରେ ସ୍ଥାପନ କରୁଛୁ।'

ଏହି ଆଲୋଚନାରେ ସବୁଜ ହାଇଡ୍ରୋଜେନ ଅନୁସୃତ ଏବଂ ଅନ୍ୟାନ୍ୟ ସ୍ୱଚ୍ଛ ଶକ୍ତି ଉତ୍ପାଦର ବୃହତ ପରିମାଣରେ ରପ୍ତାନି ପରିଚାଳନା କରିବାକୁ ସକ୍ଷମ ସମନ୍ୱିତ ବନ୍ଦର ଭିତ୍ତିଭୂମି ପ୍ରଦାନ କରି ଭାରତର ସବୁଜ ଶକ୍ତି ମହତ୍ତ୍ୱାକାଂକ୍ଷାକୁ ସକ୍ଷମ କରିବାରେ ପାରାଦୀପ ବନ୍ଦରର ରଣନୈତିକ ଭୂମିକା ଉପରେ ଆଲୋକପାତ କରାଯାଇଥିଲା।

## ଡାହୁକ



ଅଧିକ ଗାଧୋଇ
ଜ୍ୱରରେ ଥରନ୍ତି
ଶରୀର ହେଉଛି ବେଙ୍ଗା
ସେବାୟତଙ୍କର ଔଷଧ ମାଲିସି
ପ୍ରଭୁଙ୍କୁ କରିବ ଚେଙ୍ଗା।

-ବିଧୁ

## ରାମ ମନ୍ଦିରରେ ନାହିଁ ସୁନା ପ୍ଲେଟରେ ଲିଖିତ ରାମଚରିତମାନସ !

ନୂଆଦିଲ୍ଲୀ,୫।୭: ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଚୋରି ଘଟଣାର ତଦନ୍ତ ଚାଲିଥିବା ବେଳେ ସାଂଘାତିକ ତଥ୍ୟ ସାମ୍ନାକୁ ଆସିଛି। ରାମ ମନ୍ଦିର ପ୍ରତିଷ୍ଠା ବେଳେ ମିଳିଥିବା ସୁନା ପ୍ଲେଟରେ ଲିଖିତ ରାମଚରିତମାନସ ସେଠାରୁ ଗାଏବ ହୋଇ ଯାଇଛି। ରାମ ମନ୍ଦିରରୁ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରି ଦିଆଯାଇଛି। ଏହାର ମୂଲ୍ୟ ପ୍ରାୟ ୫ କୋଟି ଟଙ୍କା ହେବ। ଏପରି ସାଂଘାତିକ ଅଭିଯୋଗ କରିଛନ୍ତି ପୂର୍ବତନ ଆଇଏଏସ୍ ଅଫିସର ଏସ୍ ଲକ୍ଷ୍ମୀନାରାୟଣ। ଲକ୍ଷ୍ମୀନାରାୟଣଙ୍କ କହିବା କହିବା କଥା ଯେ ତାଙ୍କ ପରିବାର ପକ୍ଷରୁ



୨୦୨୪ ଏପ୍ରିଲ ମାସରେ ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟକୁ ସ୍ୱର୍ଣ୍ଣିମ ପ୍ଲେଟରେ ଲିଖିତ ରାମଚରିତମାନସ ଦିଆଯାଇଥିଲା। ଏହାକୁ ରାମ ମନ୍ଦିର ପରିସରରେ ରଖାଯାଇଥିଲା। ହେଲେ ପରବର୍ତ୍ତୀ ଅବସ୍ଥାରେ ଉକ୍ତ ଧାର୍ମିକ ଲେଖାକୁ ମନ୍ଦିର ପରିସରରୁ ଅନ୍ୟତ୍ର ସ୍ଥାନାନ୍ତର କରି ଦିଆଯାଇଛି।ଏବେ ରାମ ମନ୍ଦିର ପରିସରରେ ସ୍ୱର୍ଣ୍ଣିମ ପ୍ଲେଟରେ ଲିଖିତ ରାମଚରିତମାନସ ଆଉ ନାହିଁ। ପୂର୍ବରୁ ଏହା ମନ୍ଦିର ପରିସରରେ ହିଁ ରହିଥିଲା। ଲକ୍ଷ୍ମୀନାରାୟଣ ଆହୁରି ଦାବି କରିଛନ୍ତି, ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ତତ୍କାଳୀନ ସାଧାରଣ ସମ୍ପାଦକ ଚମ୍ପତ ରାୟ ତାଙ୍କୁ ଏକଦା କହିଥିଲେ ଯେ ମନ୍ଦିରକୁ ଦାନ ସୂତ୍ରରେ ମିଳୁଥିବା ପ୍ରତିଟି ଜିନିଷକୁ ମନ୍ଦିରରେ ପ୍ରଦର୍ଶିତ କରାଯାଇ ପାରିବ ନାହିଁ। ଏହାପୂର୍ବରୁ ମନ୍ଦିରକୁ ଦାନ ଆକାରରେ ମିଳିଥିବା ବିପୁଳ ପରିମାଣର ରୁପା ବାର ଓ ଇଟାକୁ ହେରଫେର କରାଯାଇଥିବା ଅଭିଯୋଗ ହୋଇଥିଲା। ଶିବସେନେ(ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ମନ୍ଦିର ନିର୍ମାଣ ବେଳେ ଦେଇଥିବା ୪ କେଜି ଓଜନର ରୁପା ଇଟାକୁ ଚୋରି କରାଯାଇଥିବା ଅଭିଯୋଗ ହୋଇଛି। ମୋଟ ଉପରେ ୨୦୦ କେଜିର ରୁପା ବାର ଓ ଇଟା ଚୋରି ହୋଇଥିବା କୁହାଯାଉଛି। କିନ୍ତୁ ଚାନ୍ଦା ଚୋରିର ତଦନ୍ତ କରୁଥିବା ଏସଆଇଟି ଏଯାଏ ୨୦୦ କେଜି ରୁପା ଚୋରି ଖବରକୁ ନିଶ୍ଚିତ କରିନି।

## ହାତୀ-ମଣିଷ ମଧ୍ୟରେ ଲଢେଇର ପ୍ରତିକାର ବ୍ୟବସ୍ଥାକୁ ସୁଦୃଢ କରିବା ନିମନ୍ତେ ବୈଠକ




ଅନୁଗୋଳ,୫।୭(ନି.ପ୍ର.): ଅନୁଗୋଳ ଅଞ୍ଚଳରେ ଚାଲିଥିବା ହାତୀ-ମଣିଷ ମଧ୍ୟରେ ଲଢେଇର ସାମ୍ପ୍ରତିକ ସ୍ଥିତିର ସମୀକ୍ଷା କରିବା ଏବଂ ବିଜ୍ଞାନଭିତ୍ତିକ, ଗୋଷ୍ଠୀ-ଚାଳିତ ଓ ସ୍ଥାୟୀ ପ୍ରତିକାର ରଣନୀତି ପ୍ରସ୍ତୁତ କରିବା ପାଇଁ ଶନିବାର ଅନୁଗୋଳ ସର୍କିଟ୍ ହାଉସ୍‌ର ସମ୍ମିଳନୀ କକ୍ଷରେ 'ହାତୀ-ମଣିଷ ଲଢେଇ କୋର୍ କମିଟି' ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମ୍ମାନିତ ଅତିଥି ଭାବେ ଢେଙ୍କାନାଳର ମାନ୍ୟବର ସାଂସଦ ରୁଦ୍ର ନାରାୟଣ ପାଣି, ଅନୁଗୋଳର ମାନ୍ୟବର ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଅନୁଗୋଳ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ବବିତା ପ୍ରଧାନ, ସମ୍ବଲପୁରର ମାନ୍ୟବର ସାଂସଦ ଏବଂ ଛେଣ୍ଡିପଦାର ମାନ୍ୟବର ବିଧାୟକଙ୍କ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଏଥିସହ ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପର ଆର.ସି.ସି.ଏଫ୍-ତଥା-କ୍ଷେତ୍ର ନିର୍ଦ୍ଦେଶକ ଡଃ ସଞ୍ଜୟ କୁମାର ସ୍ୱାଇଁ, ଅନୁଗୋଳ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଅବଦାଲ୍ ଏମ୍. ଅଖତର, ଅନୁଗୋଳ ବନଖଣ୍ଡର ବନଖଣ୍ଡ ଅଧିକାରୀ ନୀତିଶ କୁମାର, ଆଠମଲ୍ଲିକ ବନଖଣ୍ଡର ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର କୋପୁଲ୍ଲା, ସାତକୋଶିଆ ବନ୍ୟପ୍ରାଣୀ ସଂରକ୍ଷଣ ବିଭାଗର ବନଖଣ୍ଡ ଅଧିକାରୀ ଗଦାଧର ପାତ୍ରଙ୍କ ସମେତ ବନ ବିଭାଗ, ଜିଲ୍ଲା ପ୍ରଶାସନ, ରେଳବାଇ, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଶକ୍ତି ବିଭାଗ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ମୁଖ୍ୟ ଆଲୋଚନାର ବିଷୟବସ୍ତୁ:ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାକୁ ସୁଦୃଢ଼ କରିବା ହାତୀମାନଙ୍କର ପ୍ରାକୃତିକ ବାସସ୍ଥଳୀର ଉପଯୁକ୍ତ ପରିଚାଳନା କରିବା ଜନସାଧାରଣଙ୍କ ସୁରକ୍ଷା ଏବଂ ଶୀଘ୍ର ପ୍ରତିକାର କରିବା ପାଇଁ ଆଗୁଆ ସୂଚନା ବ୍ୟବସ୍ଥାରେ ସୁଧାର ଆଣିବା ଲଢେଇର ସମାଧାନ ପାଇଁ ସ୍ଥାନୀୟ ଜନସାଧାରଣ ବା ଗୋଷ୍ଠୀର ସହଭାଗିତାକୁ ପ୍ରୋତ୍ସାହିତ କରିବା ବିଜ୍ଞାନଭିତ୍ତିକ ତଥା ଦୀର୍ଘକାଳୀନ ସଂରକ୍ଷଣ ରଣନୀତି ଆପଣେଇବା ଅନୁଗୋଳ ଅଞ୍ଚଳରେ ସୁରକ୍ଷିତ ଜନବସତି, ହାତୀମାନଙ୍କ ପାଇଁ ନିରାପଦ ବାସସ୍ଥଳୀ ଏବଂ ମଣିଷ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ଏକ ସୁନ୍ଦର ସହବସ୍ଥାନ ସୃଷ୍ଟି କରିବା ପାଇଁ ସମସ୍ତ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ବୈଠକରେ ସମସ୍ତ ଅଂଶୀଦାର ସଂକଳ୍ପ ନେଇଥିଲେ।




ସୋମବାର ୦୬, ଜୁଲାଇ ୨୦୨୬, ଭୁବନେଶ୍ୱର
Monday, 06 July 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଇଂରାଜୀ ଗୁରୁତ୍ୱ

ଇଟାଲି ସରକାର ଦେଶରେ ଇଂରାଜୀ ଓ ଅନ୍ୟ ବିଦେଶୀ ଭାଷାର ପ୍ରଭାବକୁ କ୍ଷୁର୍ଣ୍ଣ କରିବା ପାଇଁ ଏକ ଆଇନ ପ୍ରଣୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଆଇନ ଅନୁଯାୟୀ ସରକାରୀ ସ୍ତରରେ ଇଂରାଜୀ ବା ଅନ୍ୟ ବିଦେଶୀ ଭାଷା ବ୍ୟବହାର କଲେ ଏଥିପାଇଁ ୧ ଲକ୍ଷ ୟୁରୋ ଜୋରିମାନା ଦେବାକୁ ପଡ଼ିବ। ଇଂରାଜୀ ଭାଷାର ବହୁଳ ବ୍ୟବହାର ଯୋଗୁ ଇଟାଲିର ମାତୃଭାଷା ବିପନ୍ନ ହୋଇଛି। ତେଣୁ ନିଜ ମାତୃଭାଷାର ସୁରକ୍ଷା ନିମନ୍ତେ ଇଟାଲି ସରକାର ଏଭଳି ଏକ ନୂତନ ଆଇନ ପ୍ରଣୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି। ଇଂରାଜୀ ଭାଷା ହେଉଛି ବିଶ୍ୱର ସର୍ବାଧିକ କଥିତ ବା ବ୍ୟବହୃତ ଭାଷା। ଆଧୁନୀକ ଶିକ୍ଷାର ଏହା ହେଉଛି ଶ୍ରେଷ୍ଠ ମାଧ୍ୟମ। ତେଣୁ ଏହାକୁ ଉପେକ୍ଷା କରାଯାଇପାରିବନି। କିନ୍ତୁ ଏହାର ସୀମିତ ବ୍ୟବହାର ଆବଶ୍ୟକ। କେବଳ ଶିକ୍ଷା କ୍ଷେତ୍ରରେ ଏହାର ଆବଶ୍ୟକତା ରହିଛି। ଏହାକୁ ଅନ୍ୟ ଦେଶ ବ୍ୟବହାରିକ ଭାଷା ଭାବେ ବିଚାର କରିବା ଅନୁଚିତ। ଜାପାନ, କୋରିଆ, ଚୀନ ଏବଂ ବିଶ୍ୱର ଅନ୍ୟ ବହୁ ସମୃଦ୍ଧ ରାଷ୍ଟ୍ର ଇଂରାଜୀ ଭାଷାର ସୀମିତ ବ୍ୟବହାର ବା ଆଦୌ ବ୍ୟବହାର ନକରି ଆଗକୁ ଯାଇପାରିଛନ୍ତି। ଚୀନ ଓ ଜାପାନର ରାଷ୍ଟ୍ରମୁଖ୍ୟ ବିଦେଶ ଗସ୍ତରେ ଗଲେ ବା କୌଣସି ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗ ଦେଲେ ନିଜ ମାତୃଭାଷାରେ ବକ୍ତବ୍ୟ ପ୍ରଦାନ କରନ୍ତି। ଅନ୍ୟମାନଙ୍କ ବୁଝିବା ପାଇଁ ଜଣେ ଭାଷାନ୍ତର ଜାଣିଥିବା ବ୍ୟକ୍ତିର ଆବଶ୍ରକତା ପଡ଼ିଥାଏ। କିନ୍ତୁ ଭାରତ ବା ଦକ୍ଷିଣ ଏସିଆ ତଥା ଆଫ୍ରିକାର ଅନ୍ୟ ବହୁ ରାଷ୍ଟ୍ରରେ ଇଂରାଜୀକୁ ମାତ୍ରାଧିକ ଗୁରୁତ୍ୱ ଦିଆଯାଉଛି। ଉପମହାଦେଶରେ ଇଂରାଜୀ ଭାଷାରେ ଲେଖା ପଢ଼ା ଜାଣିନଥିବା ବ୍ୟକ୍ତିଙ୍କୁ ମୂର୍ଖ ବୋଲି ବିଚାର କରାଯାଏ ଏବଂ ତାଙ୍କୁ ହେୟଜ୍ଞାନ କରାଯାଇଥାଏ। ଭାରତରେ ଦୁଇ ଶହ ବର୍ଷର ବ୍ରିଟିଶ ଶାସନ କାଳରେ ଇଂରାଜୀ ଭାଷାର ପ୍ରସାର ଏତେ ଗଭୀରକୁ ଯାଇନଥିଲା। ଯଦିଓ ଏହାର ଭିତ୍ତିଭୂମି ସେତେବେଳେ ପଡ଼ିଥିଲା। କିନ୍ତୁ ସ୍ୱାଧୀନତା ପରେ ଭାରତ ସରକାର ଇଂରାଜୀ ଭାଷାକୁ ମାତ୍ରାଧିକ ଗୁରୁତ୍ୱ ଦେଲେ ଏବଂ ବ୍ରିଟିଶ ଶାସନ କାଳରେ ଯେପରି ଇଂରାଜୀ ଭାଷା ସରକାରୀ ଭାଷା ଭାବେ ବ୍ୟବହୃତ ହେଉଥିଲା, ଏବେ ବି ସେହି ବ୍ୟବସ୍ଥା ଚାଲିଛି। ଇଂରାଜୀ ଭାଷାରେ ଦୁର୍ବଳ ବ୍ୟକ୍ତି କଦାପି ଉଚ୍ଚ ଶିକ୍ଷା ଲାଭ କରିପାରିବ ନାହିଁ କିମ୍ବା ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇପାରିବ ନାହିଁ। ଭାରତରେ ଶିକ୍ଷାର ମାଧ୍ୟମ ହେଉଛି ଇଂରାଜୀ। ଗତ କିଛି ବର୍ଷ ହେବ ଓଡ଼ିଶା ସମେତ ସମଗ୍ର ଦେଶରେ ଇଂରାଜୀ ମାଧ୍ୟମ ସ୍କୁଲ ଏଭଳି ଛତୁ ଫୁଟିବା ଭଳି ପ୍ରତିଷ୍ଠିତ ହୋଇଛି ଯେ, ଆମ ଦେଶର ପିଲାମାନେ ନିଜ ମାତୃଭାଷାରେ ଲେଖା ପଢ଼ା ଖୁବ କମ କରୁଛନ୍ତି। ନିଜ ମାତୃଭାଷାକୁ ଅନେକ ଭଲଭାବେ ବୁଝିପାରୁନାହାଁନ୍ତି। ମାତୃଭାଷାରେ ପ୍ରକାଶିତ ଖବର କାଗଜ ବା ବହି ପଢ଼ିବା ସେମାନଙ୍କ ମଧ୍ୟରେ ଖୁବ କ୍ୱଚିତ ଦେଖିବାକୁ ମିଳୁଛି। ଫଳରେ ଭାରତରେ ମାତୃଭାଷାଦିନକୁ ଦିନ ରସାତଳଗାମୀ ହୋଇଚାଲିଛି। ଓଡ଼ିଶାରେ ପରିସ୍ଥିତି ଏପରି ହୋଇଛି ଯେ, ଆଉ କିଛି ବର୍ଷ ପରେ ଓଡ଼ିଆ କେବଳ ଏକ କଥିତ ଭାଷା ହୋଇ ରହିଯିବ। ଯେଉଁମାନେ ଇଂରାଜୀ ଶବ୍ଦ ବ୍ୟବହାର ନକରି କଞ୍ଚା ଓଡ଼ିଆ ଭାଷା ବ୍ୟବହାର କରୁଛନ୍ତି, ସେମାନଙ୍କୁ ଗାଉଁଲି ବୋଲି କୁହାଯାଉଛି। ଅବଶ୍ୟ ଦକ୍ଷିଣ ଭାରତରେ ପରିସ୍ଥିତି ଟିକେ ଅଲଗା। ସେଠାରେ ଇଂରାଜୀ ଭାଷାର ପ୍ରଚାର ପ୍ରସାର ସହିତ ମାତୃଭାଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଉଲ୍ଲେଖ ଯୋଗ୍ୟ ଯେ, ଭାରତର ପ୍ରତ୍ୟେକ ରାଜ୍ୟରେ ସ୍ୱତନ୍ତ୍ର ଆଞ୍ଚଳିକ ଭାଷା ରହିଛି। ଓଡ଼ିଶାରେ ଓଡ଼ିଆ ହେଉଛି ମାତୃଭାଷା। ଇଂରାଜୀ ବା ଅନ୍ୟ ଯେ କୌଣସି ଭାଷା ତୁଳନାରେ ଏହା ଅଧିକ ସମୃଦ୍ଧ। ଓଡ଼ିଆରେ ବହୁ ପୁରାତନ ପୁସ୍ତକ ରହିଛି ଯାହା ବିଶ୍ୱ ସାହିତ୍ୟର ଅମୂଲ୍ୟ ଗ୍ରନ୍ଥ ଭାବେ ବିବେଚିତ ହୋଇପାରେ। ସନ୍ଥକବି ଭୀମ ଭୋଇଙ୍କ ରଚନା 'ମୋଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ' ଆଜି ଜାତିସଂଘରେ ସ୍ଥାନ ପାଇଛି। ଭୀମଭୋଇ ଇଂରାଜୀ ଭାଷା ଜାଣିନଥିଲେ। ତାଙ୍କର ପାରମ୍ପରିକ ଶିକ୍ଷାଗତ ଯୋଗ୍ୟତା କିଛି ନଥିଲା। କିନ୍ତୁ ସେ ଆଜି ବିଶ୍ୱର ଜଣେ ମହାନ କବି ଏବଂ ଦାର୍ଶନିକ ଭାବେ ବିବେଚିତ ହେଉଛନ୍ତି। ଉଚ୍ଚଶିକ୍ଷା ନିମନ୍ତେ ଇଂରାଜୀ ଭାଷା ଶିକ୍ଷା ଜରୁରୀ। ଇଂରାଜୀ ଭାଷାରେ ଦୁର୍ବଳତା ଜୀବନରେ ଉନ୍ନତିରେ ଏକ ବଡ଼ ପ୍ରତିବନ୍ଧକ ହୋଇଥାଏ। ସେଥିପାଇଁ ସରକାରୀ ଶିକ୍ଷାନୁଷ୍ଠାନରେ ଇଂରାଜୀ ଭାଷାରେ ଉନ୍ନତ ଶିକ୍ଷାଦାନ ଜରୁରୀ ଏବଂ ସରକାର ମଧ୍ୟ ଏ ଦିଗରେ ଚିନ୍ତା କରୁଛନ୍ତି। ଆଜି ଇଂରାଜୀ ମାଧ୍ୟମ ସ୍କୁଲରେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ବା ଅନ୍ୟ ମାତୃଭାଷାକୁ ଏକ ବିଷୟ ଭାବେ ଗ୍ରହଣ କରାଯାଇଛି। କୌଣସି ପ୍ରକାରେ ନିଜ ମାତୃଭାଷାକୁ ବଂଚାଇ ରଖିବା ପାଇଁ ଏହା ଏକ ପ୍ରୟାସ। କିନ୍ତୁ ଆଜି ବି ଯେ କୌଣସି ସରକାରୀ ଅଫିସକୁ ଗଲେ ଇଂରାଜୀ ଭାଷାରେ ଆବେଦନ କରିବାକୁ ପଡୁଛି। ସବୁ ଫାଇଲ ଇଂରାଜୀରେ ଲେଖାଯାଉଛି। ସବୁ ସ୍ଥାନରେ ମାତୃଭାଷାରେ କାର୍ଯ୍ୟକୁ ବାଧ୍ୟତାମୂଳକ କରାଯାଇପାରିବ ନାହିଁ। ଜଣେ ଡାକ୍ତର ଓଡ଼ିଆରେ ଔଷଧ ଚିଠା ଲେଖିପାରିବ ନାହିଁ। କିନ୍ତୁ ଯେଉଁଠି ସମ୍ଭବ ସେଠାରେ ଅନ୍ତତଃ ପକ୍ଷେ ଓଡ଼ିଆ ଭାଷା ବ୍ୟବହାରକୁ ବାଧ୍ୟତାମୂଳକ କରାଯିବା ଉଚିତ। ନିଜ ଘର ବା ଦୋକାନ ଆଗରେ ଆମେ ନିଜ ମାତୃଭାଷାରେ ନାମ ଫଳକ କାହିଁକି ଲେଖିପାରିବ ନାହିଁ ? ଏହା ଦ୍ୱାରା ଆମ ସମ୍ମାନହାନୀ ହେବ ନାହିଁ। କହିବା ବାହୁଲ୍ୟ ଯେ, ଭାଷା ଭିତ୍ତିରେ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ ହେବାରେ ଓଡ଼ିଶା ଥିଲା ଦେଶରେ ପ୍ରଥମ। ନିଜ ମାତୃଭାଷା ପାଇଁ ଆମେ ଆଜି ବିଶ୍ୱ ଦରବାରରେ ପ୍ରତିଷ୍ଠିତ ହୋଇପାରିଛୁ। ଏହାକୁ ଆମ ପରବର୍ତ୍ତୀ ପୀଢ଼ୀ ଭୁଲି ଯାଉଛନ୍ତି। ଏବେ ଆମର କର୍ତ୍ତବ୍ୟ ହେଲା ଓଡ଼ିଆ ଭାଷାକୁ ଚିରକାଳ ପାଇଁ ଅମର ରଖିବା ପାଇଁ ପ୍ରୟାସ କରିବା। ପ୍ରତିବର୍ଷ ଉତ୍କଳ ଦିବସରେ ଆମେ ଏ ସମ୍ପର୍କରେ ଆଲୋଚନା କରୁଛୁ। କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ଆମେ ଭୁଲି ଯାଉଛୁ। ନିଜ ମାତୃଭାଷାକୁ ସୁରକ୍ଷିତ, ସମୃଦ୍ଧ ଏବଂ ପ୍ରତିଷ୍ଠିତ କରିବା ପ୍ରତ୍ୟେକ ଓଡ଼ିଆଙ୍କ ନୈତିକ ଦାୟିତ୍ୱ ଏବଂ କର୍ତ୍ତବ୍ୟ। ନିକଟରେ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରକାଶିତ ପାଠ୍ୟ ପୁସ୍ତକରେ ଶହ ଶହ ତ୍ରୁଟି ଅତ୍ୟନ୍ତ ନିମ୍ନମାନର ଏବଂ ଦୁର୍ଭାଗ୍ୟଜନକ। ଏହା ଏକ ଅକ୍ଷମଣୀୟ ତ୍ରୁଟି। ଏଥିଲାଗି ଦୋଷୀଙ୍କ ବିରୋଧରେ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।

# ବିକଳ୍ପ ଚିକିତ୍ସା ପ୍ରଣାଳୀ : ଯୋଗ ଏବଂ ପ୍ରାକୃତିକ ଚିକିତ୍ସା

**ଡ଼କ୍ଟର ଡି. କେ. ଧାଉଡ଼ିଆ**

ବିକିତ୍ସା କେବଳ ଆଧୁନିକ ଚିକିତ୍ସା ପ୍ରଣାଳୀର ବିକଳ୍ପ ନୁହେଁ; ପ୍ରାକୃତିକ ଚିକିତ୍ସାର ଏକ ସମ୍ପୂର୍ଣ୍ଣ ଦର୍ଶନକୁ ପ୍ରତିନିଧିତ୍ୱ କରେ ଯାହା ବିଶ୍ୱର ବିଭିନ୍ନ ସ୍ଥାନରେ ଶତାବ୍ଦୀ ଧରି ଅଭ୍ୟାସ କରାଯାଇ ଆସୁଛି । ବିଭିନ୍ନ ଦେଶ ବିକଳ୍ପ ଚିକିତ୍ସା କ୍ଷେତ୍ରରେ ଅନନ୍ୟ ଚିକିତ୍ସା ପଦ୍ଧତି ଅବଦାନ ଦେଇଛନ୍ତି - ଯେପରିକି ଚୀନରୁ ଆକ୍ୟୁପଙ୍କଚର, ଫ୍ରାନ୍ସରୁ ମ୍ୟାଗ୍ନେଟିକ୍ ହିଲିଂ, ଜର୍ମାନୀରୁ ହେଲପ୍ରାକ୍ସିସ୍, ଇଂଲଣ୍ଡରୁ ହର୍ବାଲିଜିମ୍, ଏବଂ ଭାରତରୁ ଆୟୁର୍ବେଦ,ଯୋଗ ପ୍ରାକୃତିକ ଚିକିତ୍ସା ।

ଆଜି, ବିଶ୍ୱ ସ୍ତରରେ ୧୫୬ ରୁ ଅଧିକ ବିକଳ୍ପ ଚିକିତ୍ସା ପଦ୍ଧତି ପ୍ରଚଳିତ ହେଉଛି । ଏହି ଚିକିତ୍ସାଗୁଡ଼ିକ ଔଷଧୀୟ ଉପଚାର, ଚିକିତ୍ସା କୌଶଳ, ଶକ୍ତି ଆରୋଗ୍ୟ, ପୁଷ୍ଟିସାର, ପ୍ରାକୃତିକ ଚିକିତ୍ସା, ଯୋଗ, ଧ୍ୟାନ ଏବଂ ଜୀବନଶୈଳୀ ପରିଚାଳନା ମାଧ୍ୟମରେ ଶରୀରର ପ୍ରାକୃତିକ ଆରୋଗ୍ୟ କ୍ଷମତା ବୃଦ୍ଧି କରିବା ଉପରେ ଧ୍ୟାନ କେନ୍ଦ୍ରିତ କରେ ।

ପ୍ରାକୃତିକ ଚିକିତ୍ସା ଏକ ଚିକିତ୍ସା ପ୍ରଣାଳୀ, ଯାହା ସକାରାତ୍ମକ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦିଏ । ଏହା ଏକ ସମନ୍ୱିତ ଔଷଧ ପ୍ରଣାଳୀ, ଯାହା ଏହି ଲକ୍ଷ୍ୟ ହାସଲ ପାଇଁ ସମସ୍ତ ଔଷଧହୀନ / ଅଣ-ଔଷଧୀୟ ଚିକିତ୍ସାକୁ ଏକତ୍ରିତ କରେ ।

ଏହା ସମସ୍ତ ସ୍ତରରେ ଅଶୁଦ୍ଧତାରୁ ଶରୀର ଏବଂ ମନକୁ ଶୁଦ୍ଧ କରିବାରେ ବିଶ୍ୱାସ କରେ, ଯାହା ଫଳରେ ପ୍ରତିରକ୍ଷା ପ୍ରଣାଳୀ ପରିବେଶ ସହିତ ମୁକାବିଲା କରିବାକୁ ସକ୍ଷମ ହୁଏ । ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ କିମ୍ବା ଶରୀରକୁ ସମ୍ପୂର୍ଣ୍ଣ ଭାବରେ ଚିକିତ୍ସା କରିବା (ଜଳ, ପୃଥିବୀ, ଅଗ୍ନି, ବାୟୁ ଏବଂ ଇଥର ପରି ପ୍ରାକୃତିକ ଉପକରଣ ବ୍ୟବହାର କରି) ର ଧାରଣାକୁ ପ୍ରମୁଖ ଗୁରୁତ୍ୱ ଦିଆଯାଏ। ଏହା ବିଭିନ୍ନ ପ୍ରାକୃତିକ ଚିକିତ୍ସାକୁ ଏକୀକୃତ କରି ହାସଲ କରାଯାଏ ଏବଂ ବିଭିନ୍ନ ପ୍ରାକୃତିକ ଚିକିତ୍ସାକୁ ଏକୀକୃତ କରି ହାସଲ କରାଯାଇଥିବା ତତ୍ତ୍ୱକୁ ପ୍ରଚାର କରେ ଏବଂ ପ୍ରକୃତିକୁ ପ୍ରତ୍ୟାବର୍ତ୍ତନ ତତ୍ତ୍ୱ ଯଥା, ଜୀବନଶୈଳୀ ସଂଶୋଧନ ଏବଂ ଚାପ ପରିଚାଳନାର ପ୍ରଚାର କରେ । ଜଳଚିକିତ୍ସା, ମାସେଜ୍ ଚିକିତ୍ସା, କାଡ୍ ଥେରାପି, ଫାଷ୍ଟିଂ ଥେରାପି, ପୁଷ୍ଟିସାର ଏବଂ ଡାଏଟେଟିକ୍ସ, କ୍ରୋମୋ ଥେରାପି, ମ୍ୟାଗ୍ନେଟୋ ଥେରାପି, ଯୋଗ ଥେରାପି,ବିଚଫ୍ଲାୱାର ରିମେଡ଼ିଜ , ଇଲେକ୍ଟ୍ରୋପାଥି, ଆକ୍ୟୁପ୍ରେସର, ଆକ୍ୟୁପଙ୍କଚର, କାଇରୋପ୍ରାକ୍ଟିସ୍, ଅଷ୍ଟିଓପାଥି, ଆରୋମାଥେରାପି, ସାଇକୋଥେରାପି, ଫିଜିଓଥେରାପି, ବ୍ୟାୟାମ ଥେରାପି, ରେକି ଏବଂ ପ୍ରାଣିକ ଆରୋଗ୍ୟ ଇତ୍ୟାଦି ବ୍ୟବହାର କରାଯାଏ ।

ପ୍ରାକୃତିକ ଚିକିତ୍ସା ବ୍ୟକ୍ତିବିଶେଷଙ୍କୁ ପ୍ରାକୃତିକ ଜୀବନଶୈଳୀ ପ୍ରତି ତାଲିମ ଦେବା ଦ୍ୱାରା ଔଷଧବିହୀନ ଔଷଧର ଏକ ପ୍ରମୁଖ ପ୍ରଣାଳୀ ଭାବରେ ଉଭା ହୋଇଛି । ଆନ୍ତର୍ଜାତୀୟ ସ୍ତରରେ ଏହା ଏକ ସମନ୍ୱିତ ଔଷଧ ଭାବରେ ସ୍ୱୀକୃତି ପାଇଛି ଏବଂ ସମନ୍ୱିତ ଔଷଧର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବରେ ବୃଦ୍ଧି ପାଉଛି । ମାନସିକ ରୋଗ ଉପରେ ଗୁରୁତ୍ୱ ଦିଆଯାଇଛି (ମନୋ-ନ୍ୟୁରୋ-ଇମ୍ୟୁନୋଲୋଜି ଧାରଣା ଉପରେ ଆଧାରିତ) ଏହି ପଦ୍ଧତି ଅନ୍ୟ ସମସ୍ତ ବ୍ୟାଧି ପାଇଁ ତଦନ୍ତ ଏବଂ ଅନୁସନ୍ଧାନ କରାଯାଉଛି । ଏହାର ପ୍ରାକୃତିକ ପଦ୍ଧତି ବ୍ୟକ୍ତିଙ୍କୁ ପ୍ରାୟ ଶୂନ୍ୟ ଖରାପ ପ୍ରଭାବ ସହିତ ରୋକିବା/ଚିକିତ୍ସା/ପୁନଃସ୍ଥାପନ କରିବାର ଏକ ଅତ୍ୟନ୍ତ ସୁରକ୍ଷିତ ପଦ୍ଧତି ପ୍ରଦାନ କରେୟ ଏହା ବ୍ୟକ୍ତି ଦ୍ୱାରା ବ୍ୟବହୃତ ବିଦ୍ୟମାନ ଔଷଧ ସହିତ କୌଣସି ହସ୍ତକ୍ଷେପ କରେ ନାହିଁ ଏବଂ ତେଣୁ ଯେକୌଣସି ଔଷଧ ପ୍ରଣାଳୀ ସହିତ ମିଶିଯାଏ ।

ବର୍ତ୍ତମାନ ପ୍ରାକୃତିକ ଚିକିତ୍ସାକୁ ଶିକ୍ଷାଗତ ଭାବରେ ସାଢ଼େ ପାଞ୍ଚ ବର୍ଷର ସ୍ନାତକ ଡିଗ୍ରୀ କାର୍ଯ୍ୟକ୍ରମ ଭାବରେ ଅନ୍ତର୍ଭୁକ୍ତ କରାଯାଉଛି । - ଭାରତରେ ପ୍ରାକୃତିକ ଚିକିତ୍ସା ଏବଂ ଯୋଗିକ ବିଜ୍ଞାନରେ ସ୍ନାତକ (B.N.Y.S.) ।

ଅନ୍ୟାନ୍ୟ ଭାରତୀୟ ଔଷଧ ପ୍ରଣାଳୀ ପାଠ୍ୟକ୍ରମ ପରି ନୁହେଁ, ଏହି ପାଠ୍ୟକ୍ରମ ଆଧୁନିକ ଔଷଧ ପରି ମୌଳିକ ବିଜ୍ଞାନ ରଖିବାରେ ଏକ ସୁବିଧା ରଖିଛି । ମୌଳିକ ବିଜ୍ଞାନ ଆକାରରେ ଦୃଢ଼ ଭିତ୍ତିଭୂମି ଛାତ୍ରଛାତ୍ରୀମାନଙ୍କୁ ପ୍ରାକୃତିକ ଚିକିତ୍ସାର କ୍ଲିନିକାଲ୍ ତତ୍ତ୍ୱଗୁଡ଼ିକୁ ବୁଝିବା ପାଇଁ ସ୍ମାର୍ଟ ପ୍ରୟାସ



କରିବାକୁ ଅନୁମତି ଦେଇନାହିଁ ବରଂ ପ୍ରମାଣ ଆଧାରିତ କ୍ଲିନିକାଲ୍ ଅଭ୍ୟାସକୁ ମଧ୍ୟ ଉଜ୍ଜ୍ୱଳିତ କରିଛି ।

ବିଶ୍ୱବ୍ୟାପୀ ଏହି ବ୍ୟବସ୍ଥାରେ ସମ୍ଭାବନାର ଏକ ଆକ୍ରମଣାତ୍ମକ ସ୍ୱୀକୃତି ରହିଛି ଏବଂ ସେହି ସମୟରେ ପାରମ୍ପରିକ ଭାବରେ ବ୍ୟବହୃତ ସ୍ୱାସ୍ଥ୍ୟ ଅଭ୍ୟାସର କଠୋର ବୈଜ୍ଞାନିକ ମୂଲ୍ୟାଙ୍କନର ଆବଶ୍ୟକତା ରହିଛି ।

ଏହା ବିଶ୍ୱର ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନ, ସଂଗଠନ ଏବଂ ଏପରିକି ଆମେରିକାର ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ, ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ସରକାରଙ୍କ ଦ୍ୱାରା ସମର୍ଥିତ ପ୍ରଭାବର ଗୁରୁତ୍ୱପୂର୍ଣ୍ଣ ବୈଜ୍ଞାନିକ ପ୍ରମାଣୀକରଣକୁ ନେଇଯାଇଛି ।

ଯୋଗ ଏକ ପ୍ରାଚୀନ ଭାରତୀୟ ବିଜ୍ଞାନ ଯାହା ବିଶ୍ୱବ୍ୟାପୀ ଭାବରେ ଗ୍ରହଣୀୟ, କିନ୍ତୁ ବ୍ୟକ୍ତିଗତ ଭାବରେ ଅନୁସରଣ କରାଯାଉଥିଲା, ଆଜି ସାରା ବିଶ୍ୱରେ ଏହାର ବ୍ୟକ୍ତିବାଦୀ ଅଭ୍ୟାସ ଏବଂ ଏହାର ପ୍ରଭାବ ବ୍ୟକ୍ତିଗତ ସ୍ତରରୁ ସମାଜ, ସମାଜ ଏବଂ ସାର୍ବଜନୀନ ସ୍ତରରେ ପ୍ରକାଶିତ ହେଉଥିବାରୁ ଏହା ଉଚ୍ଚତା ହାସଲ କରିଛି । ଯୋଗକୁ ଅନେକ ଉପାୟରେ ପରିଭାଷିତ କରାଯାଇପାରିବ କିନ୍ତୁ ସାମ୍ପ୍ରତିକ ଦୃଷ୍ଟିକୋଣରୁ କୁହାଯାଇଛି ଯେ ଯୋଗ ହେଉଛି ବ୍ୟକ୍ତି ମଧ୍ୟରେ ଲୁଚି ରହିଥିବା ସମ୍ଭାବନାର ବିକାଶ ଦ୍ୱାରା ଆତ୍ମ ସିଦ୍ଧତା ପାଇଁ ଏକ ପଦ୍ଧତିଗତ ପ୍ରୟାସ । ଏହା ଏକ ପ୍ରକ୍ରିୟା ଯାହା ଦ୍ୱାରା ସୀମା ଏବଂ ଅପୂର୍ଣ୍ଣତାକୁ ଧୋଇ ଦିଆଯାଇପାରିବ ଯାହା ଫଳରେ ସମ୍ପୂର୍ଣ୍ଣ, ବୁଦ୍ଧିମାନ ପୂର୍ଣ୍ଣ ସତ୍ତା ସୃଷ୍ଟି ହୁଏ ।

ଯୋଗ ସକାରାତ୍ମକ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରେ (ନିବାରଣ) - ସ୍ୱାସ୍ଥ୍ୟର ପରିଭାଷା ଏକ ନିର୍ଦ୍ଦିଷ୍ଟ ଶବ୍ଦ ସୁସ୍ଥତା ଉପରେ ଗୁରୁତ୍ୱ ଦିଏ । ଏଠାରେ ସୁସ୍ଥତା ହେଉଛି ସମ୍ପୂର୍ଣ୍ଣ ସକାରାତ୍ମକ ସ୍ୱାସ୍ଥ୍ୟର ଭାବନା । ସୁସ୍ଥତାର ଅନୁଭବ ଏବଂ ସେହି ସ୍ଥିତିରେ ରହିବା ଏବଂ ସୁସ୍ଥତାର ଅବସ୍ଥା ବଜାୟ ରଖିବା । ସକାରାତ୍ମକ ସ୍ୱାସ୍ଥ୍ୟ ଶବ୍ଦ ମଧ୍ୟ ସମାନ ଜିନିଷକୁ ବୁଝାଏ - ସ୍ୱାସ୍ଥ୍ୟର ଏକ ସମ୍ପୂର୍ଣ୍ଣ ଏବଂ ସନ୍ତୁଳିତ ଅବସ୍ଥାରେ ରହିବା। ତେଣୁ ଏହି ପ୍ରକାରର ସ୍ୱାସ୍ଥ୍ୟ ସ୍ଥିତିର ପ୍ରୋତ୍ସାହନ ଯୋଗ ଦ୍ୱାରା ସମସ୍ତ ସ୍ତରରେ (ଶାରୀରିକ, ମାନସିକ, ସାମାଜିକ, ଆଧ୍ୟାତ୍ମିକ ସ୍ତରରେ) ପ୍ରାସଙ୍ଗିକ ଭାବରେ କରାଯାଏ । ଏହା ମନକୁ ଏବଂ ପ୍ରକୃତରେ ସତ୍ତାର ଚେତନ, ଅବଚେତନ ଏବଂ ଅଚେତନ ପ୍ରକୃତିକୁ ସମନ୍ୱିତ କରେ ।

ଯୋଗ ଚିକିତ୍ସା - ଯୋଗ ଚିକିତ୍ସାର ସମନ୍ୱିତ ପଦ୍ଧତି ରୋଗର ମନସ୍ତତ୍ତ୍ୱ ଏବଂ ଏହାର ପରିଚାଳନା ଉପରେ ଆଧାରିତ ଯୋଗର ଭୂମିକା ବ୍ୟାଖ୍ୟା କରେ । ଅସ୍ତିତ୍ୱର ପାଞ୍ଚଟି ସ୍ତର କିମ୍ବା କୋଷ - ପଞ୍ଚକୋଷ ତତ୍ତ୍ୱ ଏବଂ ସେମାନଙ୍କର ସୁସ୍ଥତା । ମନୋମୟ କୋଷ (ମନ) ସ୍ତରରେ ରୋଗର ଉତ୍ପତ୍ତି ଏବଂ ଅନ୍ନମୟ କୋଷ (ଶାରୀରିକ ଅବସ୍ଥା) ସ୍ତରରେ ପ୍ରକାଶିତ ହେବା ମନୋମୟ କୋଷ ଉପରେ କାର୍ଯ୍ୟ କରି ଯୋଗ ଦ୍ୱାରା ଏକ ଅତ୍ୟନ୍ତ ପ୍ରଭାବଶାଳୀ ଭାବରେ ସମାଧାନ କରାଯାଏ । ଏହା ମନୋମୟ କୋଷ ଏବଂ ପ୍ରାଣମ । କୋଷ (ମାନସିକ ଏବଂ ପ୍ରାଣିକ ଅବସ୍ଥା)କୁ ସନ୍ତୁଳିତ କରେ ଏବଂ ଏହିପରି ଶାରୀରିକ ଅବସ୍ଥା ସ୍ୱତଃସ୍ଫୂର୍ତ୍ତ ଭାବରେ ସନ୍ତୁଳିତ ହୁଏ । ଏଠାରୁ, ଜଣେ ସହଜରେ ଅସ୍ତିତ୍ୱର ବିଜ୍ଞାନମୟ ଏବଂ ଆନନ୍ଦମୟ କୋଷକୁ ଅଗ୍ରଗତି କରିପାରିବ । ସମସ୍ତ ସ୍ତରରେ ଏହାର ପ୍ରଭାବ ହେତୁ ଯୋଗ ଜୀବନଶୈଳୀକୁ ପ୍ରଭାବଶାଳୀ ଭାବରେ ସଂଶୋଧନ କରିପାରିବ।

ଏହା ହସ୍ତକ୍ଷେପ ଦ୍ୱାରା କରାଯାଏ ମାନବ ଅସ୍ତିତ୍ୱର ସମସ୍ତ ସ୍ତର:

୧. ଆନନ୍ଦମୟ କୋଷ - ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟର ଅବସ୍ଥାର ପରିଚୟ । (ଆଧ୍ୟାତ୍ମିକତା ଏବଂ ଖୁସି)

୨. ବିଜ୍ଞାନମୟ କୋଷ - ସ୍ୱାସ୍ଥ୍ୟ ଶିକ୍ଷା: ଧାରଣାଗତ ସଂଶୋଧନ (ବୌଦ୍ଧିକ)

୩. ମନୋମୟ କୋଷ - କୃତଜ୍ଞତା ଏବଂ ବିଭ୍ରାଟର ଅଭାବର ଅବସ୍ଥା । (ମାନସିକ ଏବଂ ଭାବପ୍ରବଣ ସ୍ୱାସ୍ଥ୍ୟ)

୪. ପ୍ରାଣମୟ କୋଷ - ନିୟମିତ ନିଶ୍ୱାସ ଏବଂ ସନ୍ତୁଳିତ ଶକ୍ତି ସ୍ତର ।

୫. ଅନ୍ନମୟ କୋଷ - ଆସନ, କ୍ରିୟା, ସଚେତନତା (ଶାରୀରିକ ସ୍ୱାସ୍ଥ୍ୟ)

ଯୋଗ ଶରୀର ଏବଂ ଏହାର ସ୍ୱାସ୍ଥ୍ୟକୁ ସମସ୍ତ ସ୍ତରରେ ଏକ ସମ୍ପୂର୍ଣ୍ଣ ସନ୍ତୁଳିତ ଅବସ୍ଥାରେ ସ୍ଥାପନ କରେ ଏବଂ ତେଣୁ ଯେକୌଣସି ରୋଗ କିମ୍ବା ବିଭ୍ରାଟର ଘଟନାକୁ ରୋକିଥାଏ।

ଯୋଗ ଏବଂ ଏହାର ଲାଭ ମୂଲ୍ୟାଙ୍କନରେ ଶରୀର ବିଜ୍ଞାନୀ, ନ୍ୟୁରୋଫିଜିଓଲୋଜିଷ୍ଟ, ନ୍ୟୁରୋଲୋଜିଷ୍ଟ, ମନସ୍ତତ୍ତ୍ୱବିତ୍, ମନସ୍ତତ୍ତ୍ୱବିତ୍, ସାଧାରଣ ଚିକିତ୍ସକଙ୍କ ଦ୍ୱାରା ବିଶ୍ୱବ୍ୟାପୀ ପ୍ରଗତି ଯାହା ଯୋଗ ଏବଂ ଏହାର ଲାଭକୁ ଏକ ନିରାପଦ ଏବଂ ପ୍ରଭାବଶାଳୀ ଆରୋଗ୍ୟ ପ୍ରଣାଳୀ ଭାବରେ ବୁଝିବାରେ ଜ୍ଞାନ ଆଣିଥାଏ ।

ଡେଲାଙ୍ଗ, ପୁରୀ, ଓଡିଶା, ପିନ -୭୫୨୦୧୫

# ସୁସ୍ଥ ଜୀବନର ଆଲୋକ

**ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଆମେ ସମସ୍ତେ ସୁସ୍ଥ ଜୀବନ କାମନା କରୁ। ଉତ୍ତମ ସ୍ୱାସ୍ଥ୍ୟ, ଫିଟନେସ୍, ବଡ଼ିର ସୁନ୍ଦର ଅଙ୍ଗ ସୌଷ୍ଠବ ସହ ଚଳଚଞ୍ଚଳତା ଜଣକୁ ସ୍ୱାସ୍ଥ୍ୟବାନ ଭାବେ ପ୍ରମାଣିତ କରିଥାଏ। ଗତ ଅକ୍ଟୋବର ମାସରେ ବଡିବିଲଡ଼ିଂ କ୍ଷେତ୍ରରେ ଅସାଧାରଣ ପ୍ରତିଭା କୁହାଯାଉଥିବା କିମ୍ବଦନ୍ତୀ ବରେନ୍ଦର ସିଂହଙ୍କ ହୃଦଘାତ ଜନିତ ମୃତ୍ୟୁ ତାଙ୍କର ଅନେକ ପ୍ରଶଂସକ ଓ ଅନୁଗାମୀକୁ ଦୁଃଖ ପହଞ୍ଚାଇଛି। ବରେନ୍ଦର ସିଂହ ଜଣେ ଫିଟନେସ୍ ଆଇକନ ଭାବେ ପ୍ରତିଷ୍ଠିତ ଓ ଅସାଧାରଣ କୃତୀତ୍ୱ ଭାବେ ବିଶେଷକରି ପେଷାଦାର ବଡ଼ି ବିଲଡିଂ କ୍ଷେତ୍ରରେ ସେ ଜଣେ ଶୀର୍ଷତମ ସ୍ୱୀକୃତି ପାଇଥିଲେ। ଅନେକ ପୃଥିବୀ ପ୍ରସିଦ୍ଧ ନାମୀ ଦାମୀ କମ୍ପାନୀର ସିଏ ବ୍ରାଣ୍ଡ ଆମ୍ବସଡ଼ର ଥିଲେ। ସୁତରାଂ ଘୁମନଙ୍କ ଦେହାବସାନ ପରେ ଉତ୍ତମ ସ୍ୱାସ୍ଥ୍ୟ, ଫିଟନେସ ଓ ବଡ଼ ବିଲଡିଂ ଭଳି ବିଷୟକୁ ନେଇ ସାମାଜିକ ଗଣମାଧ୍ୟମରେ ତୃଣମୂଳ ଆଲୋଚନା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଉପର ବର୍ଣ୍ଣିତ କ୍ଷେତ୍ରଗୁଡ଼ିକୁ ଘୋଟି ରହିଥିବା ବିଭ୍ରାନ୍ତି ଏବଂ ଭ୍ରାନ୍ତ ଧାରଣାକୁ ଦୂର କରିବା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ, କାରଣ ସୁନ୍ଦର ଅଙ୍ଗ ସୌଷ୍ଠବ ଆହରଣର ମାୟାରେ ସମ୍ମୋହିତ ଏକ ବିଶାଳ ବର୍ଗ ପାସୋରି ଯାଇଛନ୍ତି ଯେ ଏହା ସର୍ବଦା ଉତ୍ତମ ସ୍ୱାସ୍ଥ୍ୟ ବା ଫିଟନେସର ପରିଚାୟକ ହୋଇ ନଥାଏ।

ଉତ୍ତମ ସ୍ୱାସ୍ଥ୍ୟ ବୋଇଲେ ଏକ ନିରୋଗ ଜୀବନ, ଯାହା ଏକାଧିକ କାରଣରୁ ସମ୍ଭବ ହୋଇପାରେ, ଯେମିତି କି ଶୃଙ୍ଖଳିତ ଓ କର୍ମଠ ଜୀବନଯାପନ, ମାନସିକ ଚାପକୁ ସୀମିତ କରି ରଖିବାର ସାମର୍ଥ୍ୟ, ଜନ୍ମଗତ ଭାବେ ଆଦୃତ ଜେନେଟିକ ବା ଆନୁବଂଶିକ ଉପହାର ଇତ୍ୟାଦି। କିଛି ଲୋକ ହୁଏତ ସେମାନଙ୍କ ଦୈନନ୍ଦିନ ସ୍ୱାଭାବିକ କାର୍ଯ୍ୟକଳାପରେ ଶରୀର ଚାଳନାକୁ ମହତ୍ୱ ଦେଇ ଅତିରିକ୍ତ ବ୍ୟାୟାମ ଲୋଡ଼ି ନଥାନ୍ତି, କିନ୍ତୁ ଯନ୍ତ୍ର ନିର୍ଭର ସାଂପ୍ରତିକ ସମୟରେ ଅତ୍ୟନ୍ତ ନିଷ୍କ୍ରିୟ ଓ ସ୍ଥାଣୁ ଜୀବନଯାପନ କରୁଥିବା ଅଧିକାଂଶ ଲୋକଙ୍କ ଲାଗି ବ୍ୟାୟାମ ଅପରିହାର୍ଯ୍ୟ ଏ ନେଇ କୌଣସି ଦ୍ୱିମତ ନାହିଁ। ଏହି କାରଣରୁ ସଂପ୍ରତି ଆମ ଦେଶରେ ଲକ୍ଷ ଲକ୍ଷ ଲୋକ ଜିମନାସିଅମ ବା ଜିମ୍‌ରେ ନିୟମିତ ବ୍ୟାୟାମରେ ବ୍ରତୀ ହୋଇ ଉତ୍ତମ ସ୍ୱାସ୍ଥ୍ୟର ଆଲୋକିତ ଇଲାକାରେ ପ୍ରବେଶ କରିବାକୁ ବ୍ୟଗ୍ର। ଏଭଳି ଚାହିଦାର ସୁଯୋଗ ନେଇ ଏକ ଅତ୍ୟନ୍ତ ବିଶାଳ ବ୍ୟବସାୟ ମଧ୍ୟ ସୃଷ୍ଟି ହେଲାଣି, ଯାହାର ଅତିକାୟତା କେବଳ ଏଥିରୁ ହୃଦବୋଧ କରି ହେବ ଯେ ୨୦୨୪ ମସିହାରେ ଆମ ଦେଶରେ ଫିଟନେସ ଉଦ୍ୟାଗର ମୂଲ୍ୟ ଥିଲା ୧.୯୪ ବିଲିଅନ ଡଲାର (୧୬,୨୦୦ କୋଟି ଟଙ୍କା), ଜିମ୍ ବ୍ୟାୟାମ ଉପକରଣ ଏବଂ ନ୍ୟୁଟ୍ରିସନ ଓ ସପ୍ଲିମେଣ୍ଟ (ପ୍ରୋଟିନ ପାଉଡର ବା କ୍ରିଏଟିନ ବା ଷ୍ଟେରୋଏଡ଼) ଇତ୍ୟାଦିର କାରବାର ମୂଲ୍ୟ ଥିଲା ଯଥାକ୍ରମେ ୪୯୦.୬୩ ମିଲିଅନ ନିୟୁତ, ୪.୮୮ ବିଲିଅନ ଏବଂ ୧.୭୯ ବିଲିଅନ ଡଲାର (ଡେଲଏଟ ଇଣ୍ଡିଆ ଫିଟନେସ ମାର୍କେଟର ରିପୋର୍ଟ-୨୦୨୫)। ଅନୁମାନ କରାଯାଉଛି ଯେ ଏହି ଉଦ୍ୟୋଗର ଆକାର ୨୦୩୦ ମସିହା ସୁଦ୍ଧା ୨ଗୁଣ ହୋଇଯାଇପାରେ। କିନ୍ତୁ ଏଭଳି ସ୍ଥଳେ ପ୍ରଶ୍ନଟିଏ ଉଠିଥାଏ ଯେ ଏଭଳି ସୂତ୍ରରେ ଉତ୍ତମ ସ୍ୱାସ୍ଥ୍ୟ ଓ ଫିଟନେସ ଲାଭ କରିବାର କୌଣସି ଗ୍ୟାରେଣ୍ଟି ଥାଏ କି ?

ପ୍ରକୃତ କଥା ହେଲା ଯେ ଜଣେ ନିୟମିତ ଜିମ ଗମନକାରୀ ଓ ବ୍ୟାୟାମକାରୀଙ୍କ ପକ୍ଷରେ ଉତ୍ତମ ସ୍ୱାସ୍ଥ୍ୟ କି ଫିଟନେସ ଲାଭ କରିବା ନିର୍ଭର କରିବ ସେହି ବ୍ୟକ୍ତିଙ୍କ ଆଭିମୁଖ୍ୟ ଓ ଆଚରଣ ଉପରେ, ଅର୍ଥାତ୍ ତାଙ୍କ ଲକ୍ଷ୍ୟ କ'ଣ ଏବଂ ପ୍ରକୃତରେ ସେ କ'ଣ ହେବାକୁ ଉଦଗ୍ରୀବ, ତା' ଉପରେ। ଧରି ନିଆଯାଉ ମେଦବହୁଳତା ହ୍ରାସ କରିବା ଲାଗି ଜିମକୁ ଯାଇଥିବା ଜଣେ ଯୁବକ ତହିଁରେ ସଫଳ ହେବା ପରେ ନିଜ ଶରୀରକୁ ସେହିଭଳି ରଖିବାରେ ସନ୍ତୁଷ୍ଟ ନ ହୋଇ ସେହି ଜିମରେ ବିଚରଣ କରୁଥିବା ଅତି ମାନବୀୟ ଭାବେ ବପୁବନ୍ତ ମାନଙ୍କ ଦ୍ୱାରା ବିମୋହିତ ହୋଇ ହୁଏତ ସେମାନଙ୍କ ମଧ୍ୟରୁ ଜଣେ ହେବାକୁ ଚାହିଁପାରେ। କିନ୍ତୁ ସେ ଭଳି ହୋଇପାରିବା ପଛରେ ଥିବା ଦୀର୍ଘକାଳୀନ ସଘନ ଶ୍ରମ ସକାଶେ ଧୈର୍ଯ୍ୟ ନ ଦେଖାଇ ଦ୍ରୁତ ସଫଳତା ନିମନ୍ତେ ଅର୍ବାଚୀନ ଓ ଅନେକ ସମୟରେ ଅଜ୍ଞ ଜିମ ପ୍ରଶିକ୍ଷଣଙ୍କ ପରାମର୍ଶ ଅନୁସାରେ ଶୃଙ୍ଖଳାହୀନ ଭାବେ ମାତ୍ରାଧିକ ମାଂସପେଶୀ ବର୍ଦ୍ଧକ ଷ୍ଟେରୋଏଡ଼ ବା ସପ୍ଲିମେଣ୍ଟ ଆଦି ସେବନ କରି ଶରୀର ସୂକ୍ଷ୍ମ ବ୍ୟବସ୍ଥାକୁ ଉଜାଡ଼ି ଦେଇପାରେ। ଏବଂ ବିଡ଼ମ୍ବନାଟି ହେଲା ଆଇନାରେ ସୁନ୍ଦର ଭାବେ ପ୍ରସ୍ଫୁଟିତ ଶରୀର ସୌଷ୍ଠବ ଦେଖି ସେ କିଭଳି ଫିଟ ତାହା ଭାବି ଆତ୍ମହରା ହେଉଥିବା ବେଳେ ତା ଶରୀରାଭ୍ୟନ୍ତରଟି ତା ଅଲକ୍ଷ୍ୟରେ ଭୁଶୁଡ଼ି ପଡ଼ିବା ଭଳି ସ୍ଥିତିକୁ ଆସିଯାଇଥାଇପାରେ। ଦୁର୍ଭାଗ୍ୟର ବିଷୟ ଯେ ସଂପ୍ରତି ଅସଂଖ୍ୟ ଅସଚେତନ ଯୁବକଯୁବତୀଙ୍କ ଲାଗି ଏହା ହିଁ ଗଣମାଧ୍ୟମରେ ପ୍ରଭାବ ବିସ୍ତାରକାରୀ ଭାବେ ସେମାନେ ଭରପୁର। ଅବଶ୍ୟ, ପେସାଦାର ପୋଖତ ବଡ଼ି ବିଲଡରମାନେ ଷ୍ଟେରୋଏଡ଼ ଓ ସପ୍ଲିମେଣ୍ଟ ନିଅନ୍ତି କିନ୍ତୁ ପ୍ରାୟତଃ ଗବେଷଣାଲବ୍ଧ ଜ୍ଞାନ, ଶୃଙ୍ଖଳା ଓ ଚିକିତ୍ସାବିଜ୍ଞାନୀ ମାନଙ୍କ ଉପଦେଶର ଅନୁସରଣ କରନ୍ତି, ତଥାପି ମାତ୍ରାଧିକତା ହେତୁ ଅନେକ କିମ୍ବଦନ୍ତୀୟ ବଡ଼ି ବିଲଡ଼ର ଯୌବନରେ ଅକର୍ମଣ୍ୟ ହୋଇଯାଇଛନ୍ତି, ଯେମିତି ରନି କଲମାନ ବା ଅକାଳରେ ମୃତ୍ୟୁ ଲଭିଛନ୍ତି ଯେମିତି ଡାଲାସ ମାକାର୍ଭର।

ହୃତପିଣ୍ଡର ଆକାର ବୃଦ୍ଧ ପାଇବା ଭଳି ସ୍ଥିତିକୁ ଡାକ୍ତରୀ ଭାଷାରେ କୁହାଯାଏ ଲେଫଟ ଭେଂଟ୍ରିକୁଲାର ହୋଇପୋଟ୍ରୋଫି, ଯାହା ସମସ୍ତ ଖେଳାଳି, ସନ୍ତରଣକାରୀ ଓ ନିୟମିତ ବ୍ୟାୟାମକାରୀଙ୍କ ଠାରେ ଦେଖାଯାଇଥାଏ। ଏହାର କାରର ଦୌଡ଼ାଦୌଡ଼ି ଓ ବ୍ୟାୟାମ ଆଦି ହେତୁ ଅଧିକ ସଂଚାଳିତ ହେଉଥିବା ହୃତପିଣ୍ଡ ସ୍ୱୟଂ ଏକ ମାଂସପେଶୀ ହୋଇଥିବାରୁ ସ୍ୱାଭାବିକ ଭାବେ ସ୍ଫୀତ ହୋଇଯାଏ, ଯାହା କିନ୍ତୁ ଚିନ୍ତାର କାରଣ ହୋଇ ନଥାଏ। କିନ୍ତୁ ଯଦି ରୋଗ କିମ୍ବା ଔଷଧ ଇତ୍ୟାଦି ଭଳି କାରଣରୁ ଏଭଳି ସ୍ଥିତି ଉପୁଜେ, ତେବେ ତାହା ଉଦବେଗର କାରଣ ହୁଏ। ଡାଲାସ ମାକାର୍ଭରଙ୍କ ଭଳି ଅନେକ ସୁଖ୍ୟାତ ପେସାଦାର ବଡ଼ି ବିଲଡ଼ର ପ୍ରତିଦ୍ୱନ୍ଦ୍ୱିତାରେ ଜିତିବାର ଆଗ୍ରହାତିଶଯ୍ୟରେ ଆନାବୋଲିକ ଷ୍ଟେରୋଏଡ଼ର ମାତ୍ରାଧିକ ବ୍ୟବହାର କରି ମାଂସପେଶୀ ସ୍ଫୀତ କଲାବେଳକୁ ହୃତପିଣ୍ଡର ଆକାର ବୃଦ୍ଧି ପାଇବା ସହିତ ନମନୀୟତାରେ ହ୍ରାସ ଘଟି ବିପଜ୍ଜନକ ସ୍ଥିତି ସୃଷ୍ଟି କରିଥାଏ। କିନ୍ତୁ ଏହି କାରଣରୁ ଜିମ ବା ନିୟମିତ ବ୍ୟାୟାମ ସନ୍ଦେହର ପାତ୍ର ହେବା ସଂପୂର୍ଣ୍ଣ ଅଯୌକ୍ତିକ ଏବଂ ଯାହା ଦୋଷଦୁଷ୍ଟ ହେବାକୁ ଯୋଗ୍ୟ ତାହା ହେଲା ଅଜ୍ଞତା, ସାଧାରଣ ବୋଧର ଅଭାବ ଏବଂ ମାତ୍ରାତିରିକ୍ତତା।

ଆମେ ସମସ୍ତେ ସୁସ୍ଥ ଓ ନିରୋଗ ଜୀବନ କାମ୍ୟ କରୁଥିବାବେଳେ ଶରୀର ନିମିତ୍ତ ମାତ୍ରାତିରିକ୍ତ ଆଗ୍ରହ ଓ ପଦକ୍ଷେପ ଅନ୍ତରାୟ ସୃଷ୍ଟି କରିଥାଏ। ଦୀର୍ଘାୟୁ ହେବାପାଇଁ ସର୍ବପ୍ରଥମ ଆବଶ୍ୟକତା ହେଲା ଖାଦ୍ୟପେୟ ଶୃଙ୍ଖଳା, ବ୍ୟାୟାମ, ଆନନ୍ଦମୟ ଜୀବନ ଓ ଗୁରୁଙ୍କ ପ୍ରତି ସମର୍ପଣ। ଗୁରୁ ବା ପଥପ୍ରଦର୍ଶକଙ୍କ ଦିବ୍ୟ ବାଣୀ, ସତସଙ୍ଗ ଏବଂ ନିଜ ଜୀବନର ବାସ୍ତବବାଦୀ ଲକ୍ଷ୍ୟ ସ୍ଥିର କରି ତାହା ପୂରଣ କରିବା ନିମିତ୍ତ ପ୍ରୟାସ କରିବା ଉଚିତ। ସୁସ୍ଥ ଜୀବନର ଆଲୋକ ଆମ ସମସ୍ତଙ୍କ ପାଇଁ ଆଜି ଦିନର ସ୍ୱାସ୍ଥ୍ୟ ଅନୁଚିନ୍ତନ ହେଉ।

ପ୍ରତିରତ୍ନିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# ଦେବତାଙ୍କ ପ୍ରତିନିଧି

**ଅଜୟ କୁମାର ବେହେରା**

ଆମେ ଜାଣୁଛେ, ଆମ ଦେଖୁଛେ, କର୍ମକାଣ୍ଡରେ ପୁରୋହିତମାନେ ଏକ ସୁଦୃଶ ଗୋଟା ଗୁଆକୁ ପୂଜାରେ ପିତୃଶ୍ରାଦ୍ଧରେ ବା ଦେବପୂଜାରେ ପୁରୋହିତଙ୍କୁ କାର୍ଯ୍ୟ ସମ୍ପାଦନ ପାଇଁ ବରଣରେ ମାଧ୍ୟମ କରିଥାନ୍ତି। ପୂଜା ଆସ୍ଥାନରେ ଆହୁତ ଦେବ, ଗ୍ରହ, ମାତୃକାଗଣ, ବାସ୍ତୁ, ଦିଗପାଳଙ୍କ ପ୍ରତିନିଧି ରୂପେ ଏକ ଏକ ଗୁଆ ସ୍ଥାପନ କରୁଛନ୍ତି, ବନ୍ଧୁ ନିମନ୍ତ୍ରଣରେ ସୁପାରୀ ଚାଲାଣ ରହିଛି, ପୂଜାପର୍ବରେ ମୁଖ୍ୟ ଦ୍ୱାର ବା ଫାଟକରେ ପୂର୍ଣ୍ଣକୁମ୍ଭ ଦ୍ୱାରପାଳ ପ୍ରତିନିଧି ଆକାରରେ ବସୁଛି, ନିର୍ବନ୍ଧ ସ୍ୱୀକାର କାର୍ଯ୍ୟରେ ଦୁଇ ପକ୍ଷ ଏହା ପ୍ରସାନ (ଜଗନ୍ନାଥଙ୍କ ନିର୍ମାଲ୍ୟ) କୁ ଛୁଇଁ ହାତରେ ଧରି ଏକ ଦେବ ରାଣ ଶପଥ ଉଚ୍ଚ ସ୍ୱରରେ କରିବା ଦେଖାଯାଏ। ନିର୍ମାଲ୍ୟ ହିଁ ଅନ୍ନ ବ୍ରହ୍ମ ସେ ତତ୍କାଳ ତତ୍କାଳୀନ ଘଟଣାର ଦେବ ପ୍ରତିନିଧି ସାକ୍ଷୀ। ସତ୍ୟମ ମଧ ନାଦ, ସତ୍ୟମ-ଶିବମ-ସୁନ୍ଦରମ, ଯେ ନାଦ ବ୍ରହ୍ମଙ୍କ ଅଭିନ୍ନ ଅଂଶ ତାର ଆଦ୍ୟାଂଶ ବହୁଜନ ଶ୍ରାବଣ ଉଦ୍ଦେଶ୍ୟରେ ହଳପ କରି ଉଚ୍ଚାରଣ କରନ୍ତି। ଦେବାଦେବୀ ପୂଜାରେ କଳସ ବୁଡ଼ାଜଳ ତୋଳା ଏକ ନଦୀ ବା ପୁଷ୍କରିଣୀରେ କରାଯାଏ। ଏଠାରେ ଗଙ୍ଗାଦି ସରିତା ମାତାଙ୍କର ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଓକିଲ, ଅଦାଲତରେ ଜବାବ ସୱାଲ କରନ୍ତି। ରାଜନେତା ଦେଶର ଘଟଣା ବଳିରେ ଲୋକ ସମସ୍ୟା ଦର୍ଶାଇ ଜନମତ ନିର୍ବାଚନରେ ଲଢ଼ିଜିତି ଲୋକ ପ୍ରତିନିଧି ହେଉଛନ୍ତି। ମନ୍ତ୍ରୀମାନେ କଣ ଯୋଜନା ହୋଇଜନତାଙ୍କ ଉପକାରରେ ଲାଗି ଉନ୍ନତି ହେବ ତାହା ଦର୍ଶାଇ ଦେଶ ବା ରାଜ୍ୟ ଉନ୍ନତି ମାର୍ଗୀ ପ୍ରତିନିଧି। ପ୍ରତି ସ୍ଥାନର ପୁଲିସ ପ୍ରଶାସନ ଲୋକଙ୍କୁ ଆତଙ୍କ ଭୟ, ତ୍ରାସର ତ୍ରାଣକାରୀ ସରକାରୀ ପ୍ରତିନିଧି, ଆଇନ ଅଦାଲତ ବିଚାର ବିଭାଗ ଏସବୁ ଲୋକଙ୍କୁ ସାମ୍ବିଧାନିକ ସଙ୍କଟ, ମୌଳିକ ଅଧିକାରରେ ଅଭୟ ଦେବା ପ୍ରତିନିଧି। ସ୍ୱାମୀ ତାଙ୍କ ସ୍ତ୍ରୀଙ୍କୁ ହାତଧାରିବା ଦିନରୁ ରକ୍ଷା କବଚ ଏ ସମାଜ ମାନ୍ୟତା, ସ୍ତ୍ରୀର ସ୍ୱାମୀର ଧର୍ମପତ୍ନୀ, ହେଲେ ସ୍ୱାମୀ ବିପଥଗାମୀରେ ରୋକ ଲଗାଇ ତାଙ୍କୁ ପୁନଃ ମୂଳ ସ୍ରୋତକୁ ଆଣିବା ଦାୟିତ୍ୱ ପ୍ରତ୍ୟେକ ବିବାହିତା ପତ୍ନୀଙ୍କ ରହିଛି, କ୍ଷମା ଦମ୍ପତିଙ୍କ ଧ୍ୟେୟ। ଏମାନେ ପ୍ରଜାପତି ବ୍ରହ୍ମାଙ୍କ ମର୍ତ୍ତ୍ୟଲୋକ ପ୍ରତିନିଧି। ଗୁରୁମାନେ ଦୈବଗୁରୁଙ୍କ ପ୍ରତିନିଧି, ଶିଷ୍ୟ ଛାତ୍ର ମାନଙ୍କୁ ସାମାଜିକ, ବିଦ୍ୱାନ, ଉପାର୍ଜନ କ୍ଷେମ ଓ ସତକର୍ମ କରି ଦେଶ ଓ ଦଶଙ୍କର ଉପକାର କରିବା ସୁନାମ ରଖିବା ପାଇଁ ଚେଷ୍ଟା କରିବା ତାଙ୍କ ଦାୟିତ୍ୱ। ସାମ୍ବାଦିକତା ହେଉଛି ଦେବର୍ଷି ନାରଦଙ୍କ ପ୍ରତିନିଧି କାର୍ଯ୍ୟ, ଟିଭି ସମ୍ବାଦ ପାଠକ ବା କଥକ, ଲୋକଙ୍କୁ ଧୃତରାଷ୍ଟ୍ର (ରାଷ୍ଟ୍ରକୁ ଯେ ଧରି ରଖିଛନ୍ତି) ସର୍ବତ୍ର ଦ୍ୱିଦଳ ଶାସନରେ ଥିବା ଦଳ ଓ ବିରୋଧୀ ଦଳ ବା ମାଲିକ ନୌକର ବା ଧନୀ ଦରିଦ୍ର ବା କୋଣ ଅନୁକୋଣ ଖବର ଯେ କହୁଛନ୍ତି ସେ ସଞ୍ଜୟଙ୍କ ପ୍ରତିନିଧି, ଏହି ଦୁଇ ପ୍ରତିନିଧି ଦେଶ କଣ ସାରା ପୃଥିବୀରେ ଚାହିଁଲେ ଶାନ୍ତି ସତ୍ୟ ରଖି ପାରିବେ। କୁବେର ପ୍ରତିନିଧି ବ୍ୟାଙ୍କ ମାନେ ଠିକ ଅର୍ଥନୀତିର ପରିଚାଳନାରେ ଲୋକେ ପରିଶ୍ରମକରି ସୁଖରେ ରହିପାରନ୍ତି। ପ୍ରାକୃତିକ ଦୁର୍ବିପାକରେ ବ୍ୟାଙ୍କ ମାନେ ଉଦାର, ନୀତି ଧରିଲେ ପୁନଃ ସଂସାର ନୂଆ ହୋଇ ଠିଆ ହୋଇ ପାରିବ। ଅନ୍ନପୂର୍ଣ୍ଣା ଶକ୍ତି ସବୁ ଘରର ମା-ଭଉଣୀମାନେ, ସେମାନେ ମିତବ୍ୟୟୀ ହୋଇ ପରିବାରକୁ ସ୍ୱ ସ୍ୱାମୀ ପୁତ୍ର ଭାଇଙ୍କୁ ସତପଥରେ ରହି ରୋଜଗାର କରିବାକୁ ପ୍ରବର୍ତ୍ତାଇଲେ ଓ ଅତିଥି ଅଭ୍ୟାଗତଙ୍କୁ ଯଥାଶକ୍ତି ସେବା କଲେ ଗୃହ ଅନ୍ନପୂର୍ଣ୍ଣା ଆଳୟ ହୋଇଯିବ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩



## ରାମ ମନ୍ଦିର ଚନ୍ଦା ଚୋରି ମାମଲା

# ମନ୍ଦିର ଆରମ୍ଭରୁ ହେଉଥିଲା ଚୋରି: ବ୍ରିଜ୍ ଭୂଷଣ ଶରଣ ସିଂ

**ନୂଆଦିଲ୍ଲୀ,୫।୭(ଏଜେନ୍ସି):** ଅଯୋଦ୍ଧା ରାମ ମନ୍ଦିର ଦାନପାଣ୍ଠି ଚୋରି ମାମଲାରେ ବିଜେପିର ପୂର୍ବତନ ସାଂସଦ ବ୍ରିଜ୍ ଭୂଷଣ ଶରଣ ସିଂ ବଡ଼ ବୟାନ ଦେଇଛନ୍ତି । ସେ କହିଛନ୍ତି କି, ମୋତେ ଯାହା କହିବାର ଥିଲା ତାହା ମୁଁ କହିସାରିଛି । ଯେତେବେଳେ କେହି ବି ଏନେଇ ଅଭିଯୋଗ କରିନଥିଲେ, ୪ ବର୍ଷ ପୂର୍ବରୁ ମୁଁ ଅଭିଯୋଗ କରୁଛି । ଏହି କାରଣରୁ ଆଜି ପର୍ଯ୍ୟନ୍ତ ମୁଁ ରାମ ଜନ୍ମଭୂମି ଅଯୋଦ୍ଧା ଦର୍ଶନରେ ଯାଇନାହିଁ । କାରଣ ଏଠାରେ ପ୍ରଥମ ଦିନରୁ ହିଁ ଖେଳ ଚାଲିଛି । ପୂର୍ବତନ ସାଂସଦ ବୃଜଭୂଷଣ ଶରଣ ସିଂହ ଆଜି ସାମ୍ବାଦିକମାନେ ଅଯୋଧ୍ୟା ପ୍ରସଙ୍ଗରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ଏହି ବୟାନ ଦେଇଛନ୍ତି । ଏହାପୂର୍ବରୁ ସେ କହିଥିଲେ, ମୁଁ ଯଦି ସତ କଥା କହିଦେବି, ତାହେଲେ ବଡ଼ ସଙ୍କଟରେ ପଡ଼ିଯିବି ।ଏହି ବୟାନ ପରେ ବିରୋଧୀ ଦଳର ନେତାମାନେ ମଧ୍ୟ ବିଜେପିକୁ ଘେରିଥିଲେ। ବ୍ରିଜଭୂଷଣ ଶରଣ ସିଂହ ଏହା ପୂର୍ବରୁ ମଧ୍ୟ ଅନେକ ଥର ଚର୍ଚ୍ଚିତ ଓ ଚମକପ୍ରଦ ବୟାନ ଦେଇଆସିଛନ୍ତି। ଅଯୋଧ୍ୟା ରାମ ମନ୍ଦିରରେ ଭକ୍ତମାନଙ୍କ ଦାନପାଣ୍ଠି ଟଙ୍କା ଚୋରି ହୋଇଥିବା ଅଭିଯୋଗକୁ ପ୍ରଥମେ ୭ ଜୁନ୍ ଦିନ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଉଠାଇଥିଲେ । ଏହା ପରେ ଏହି ପ୍ରସଙ୍ଗକୁ ନେଇ ଚାରିଆଡ଼େ ହଲଚଲ ସୃଷ୍ଟି ହୋଇଥିଲା । ପ୍ରଥମେ ମନ୍ଦିର ପ୍ରଶାସନ ଓ ବିଜେପି ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଥିଲେ ଏବଂ ଅଖିଳେଶ ଯାଦବଙ୍କୁ ହିଁ ଟାର୍ଗେଟ କରିଥିଲେ। କିନ୍ତୁ ପରେ ସିସିଟିଭି ଫୁଟେଜ୍ ଓ କିଛି କର୍ମଚାରୀଙ୍କ ଘରୁ ନଗଦ ଟଙ୍କା ମିଳିବା ପରେ ସରକାର ଘଟଣାର ତଦନ୍ତ ପାଇଁ ଏସ୍ଆଇଟି ଗଠନ କରିଥିଲେ । ରାମ ମନ୍ଦିର ଚଢ଼ାଉ ଚୋରି ମାମଲାରେ ଏପର୍ଯ୍ୟନ୍ତ ୮ ଜଣ କର୍ମଚାରୀଙ୍କୁ ଗିରଫ କରାଯାଇଛିୟ । ସେମାନଙ୍କ ନିକଟରୁ ୮୦ ଲକ୍ଷ ଟଙ୍କାରୁ ଅଧିକ ନଗଦ ଅର୍ଥ ଓ ଅଳଙ୍କାର ଜବତ କରାଯାଇଥିବା ଦାବି କରାଯାଇଛି । ଏହି ସମଗ୍ର ଘଟଣାରେ ମନ୍ଦିର ପ୍ରଶାସନର ଭୂମିକାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଚମ୍ପତ ରାୟ ଓ ଅନିଲ ମିଶ୍ର ପଦତ୍ୟାଗ କରିଥିବା ବେଳେ, ଗୋପାଳ ରାଓଙ୍କୁ ପଦରୁ ହଟାଯାଇଥିବା ଦାବି କରାଯାଉଛି । ତେବେ ଏସବୁ ସତ୍ତ୍ୱେ ତିନିଜଣ ଏବେ ମଧ୍ୟ ଅଯୋଧାରେ ଥିବା କୁହାଯାଉଛି। ବିରୋଧୀ ଦଳ ବିଜେପି ଓ ଆରଏସଏସ୍ ଉପରେ ରାମ ମନ୍ଦିରରେ ଚୋରି ଘଟଣାକୁ ନେଇ ଅଭିଯୋଗ ଆଣିବା ସହ ବଡ଼ ବଡ଼ ଲୋକଙ୍କୁ ସୁରକ୍ଷା ଦିଆଯାଉଥିବା ଅଭିଯୋଗ ମଧ୍ୟ କରିଛନ୍ତି। ବର୍ତ୍ତମାନ ଏହି ମାମଲାରେ ପ୍ରତିଦିନ ନୂଆ ନୂଆ ଦାବି ସାମ୍ନାକୁ ଆସୁଛି । ଏଭଳି ସ୍ଥିତିରେ ବୃଜଭୂଷଣ ଶରଣ ସିଂହଙ୍କ ଏହି ନୂଆ ବୟାନ ରାଜନୈତିକ ମହଲରେ ଆହୁରି ବଡ଼ ବିବାଦ ସୃଷ୍ଟି କରିପାରେ।

# ଘରୁ କାମ କରିବା ନିର୍ଦ୍ଦେଶ ପ୍ରତ୍ୟାହାର; ଦିଲ୍ଲୀ ସରକାର

**ନୂଆଦିଲ୍ଲୀ,୫।୭(ଏଜେନ୍ସି):** ରାଜଧାନୀ ଦିଲ୍ଲୀ ସରକାର ବୁଧବାର ଏବଂ ଶନିବାର ଦିନ କର୍ମଚାରୀମାନଙ୍କ ପାଇଁ ଲାଗୁ ହୋଇଥିବା ଘରୁ କାମ(ଡବ୍ଲୁଏଫଏଚ)ବ୍ୟବସ୍ଥାକୁ ଶେଷ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଏହି ନିଷ୍ପତ୍ତିକୁ ଅନୁମୋଦନ କରିଛନ୍ତି, ଏବଂ ଖୁବ୍ ଶୀଘ୍ର ଏକ ଆନୁଷ୍ଠାନିକ ନିର୍ଦ୍ଦେଶ ଜାରି କରାଯିବ । ଏହି ପଦକ୍ଷେପକୁ ରାଜଧାନୀରେ ସାଧାରଣ ପ୍ରଶାସନିକ କାର୍ଯ୍ୟକୁ ପୁନଃସ୍ଥାପିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ଭାବରେ ଦେଖାଯାଉଛି । ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଏହି ନିଷ୍ପତ୍ତି ଅନୁଯାୟୀ, ବୁଧବାର ଏବଂ ଶନିବାର ଲାଗୁ ହୋଇଥିବା ଘରୁ କାମ କରିବା ନିର୍ଦ୍ଦେଶକୁ ତୁରନ୍ତ ପ୍ରତ୍ୟାହାର କରିନିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମଓ) କହିଛି ଯେ, ଏ ସମ୍ପର୍କରେ ଆନୁଷ୍ଠାନିକ ନିର୍ଦ୍ଦେଶ ଜାରି କରାଯିବ। ପଶ୍ଚିମ ଏସିଆ।ରେ ଭୂରାଜନୈତିକ ଉତ୍ତେଜନା ହ୍ରାସ ପାଇବା ଯୋଗୁ, ଦିଲ୍ଲୀ ସରକାର ତାଙ୍କ କର୍ମଚାରୀଙ୍କ ପାଇଁ ବୁଧବାର ଏବଂ ଶନିବାର ଦୁଇ ଦିନିଆ ଘରୁ କାମ ବ୍ୟବସ୍ଥା ପ୍ରତ୍ୟାହାର କରିନେଇଛନ୍ତି । ଘରୁ କାମ ବନ୍ଦ କରିବା ସହିତ, ଦିଲ୍ଲୀ ସରକାର ଜିଏନସିଟିଡି ଅଧୀନରେ ଥିବା ସମସ୍ତ ସରକାରୀ କାର୍ଯ୍ୟାଳୟର ସମୟ ମଧ୍ୟ ପରିବର୍ତ୍ତନ କରିଛନ୍ତି । ନୂତନ ନିର୍ଦ୍ଦେଶ ଅନୁଯାୟୀ, ସରକାରୀ କାର୍ଯ୍ୟାଳୟଗୁଡ଼ିକ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ସାଢେ ୬ ପର୍ଯ୍ୟନ୍ତ ଖୋଲା ରହିବ। ଦିଲ୍ଲୀ



ମ୍ୟୁନିସିପାଲ କର୍ପୋରେସନ(ଏମସିଡି)ର ବର୍ତ୍ତମାନର କାର୍ଯ୍ୟସୂଚୀ ପୂର୍ବାହ୍ନ ସା୮ଟାରୁ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ଜାରି ରଖିବ। ଏମସିଡି କାର୍ଯ୍ୟାଳୟର ସମୟ ସାରଣୀରେ କୌଣସି ପରିବର୍ତ୍ତନ ହୋଇନାହିଁ। ସିଏମଓ କହିଛି, ପରିସ୍ଥିତି ସ୍ୱାଭାବିକ ହେବା ପରେ, କର୍ମଚାରୀମାନଙ୍କୁ ଏବେ ସପ୍ତାହରେ ପାଞ୍ଚ ଦିନ କାର୍ଯ୍ୟାଳୟରେ ଉପସ୍ଥିତ ରହିବାକୁ ପଡିବ । ଘରୁ କାମ କରିବା ବ୍ୟବସ୍ଥା ଆଉ ଉପଲବ୍ଧ ହେବ ନାହିଁ। ସରକାର କହିଛନ୍ତି, ଏହି ପରିବର୍ତ୍ତନ ପ୍ରଶାସନିକ କାର୍ଯ୍ୟକୁ ଅଧିକ ଦକ୍ଷ ଏବଂ ସୁସଂଗଠିତ କରିବା ପାଇଁ ଉଦ୍ଦିଷ୍ଟ । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଚଳିତ ବର୍ଷ ମେ' ମାସରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଘୋଷଣା କରିଥିଲେ, ଯେଉଁଥିରେ ସପ୍ତାହକୁ ଦୁଇ ଦିନ ଘରୁ କାମ କରିବାକୁ ହେବ । ଏହା ସହିତ କାର୍ଯ୍ୟାଳୟ ସମୟରେ ପରିବର୍ତ୍ତନ ଏବଂ ଆଗାମୀ ଏକ ବର୍ଷ ପାଇଁ ସରକାରୀ ବିଦେଶ ଯାତ୍ରା ଉପରେ ରୋକ ଲଗାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅପିଲ୍ ପରେ ଦିଲ୍ଲୀ ସରକାର 'ମେରା ଭାରତ,ମେରା ଯୋଗଦାନ' ଅଭିଯାନ ଆରମ୍ଭ କରିଥିଲେ । ମେ' ୧୦ ତାରିଖରେ ପ୍ରଧାନମନ୍ତ୍ରୀ ନାଗରିକମାନଙ୍କୁ ପଶ୍ଚିମ ଏସିଆ ସଙ୍କଟ ମଧ୍ୟରେ ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର ହ୍ରାସ କରିବା, ଅତ୍ୟାବଶ୍ୟକୀୟ ବିଦେଶ ଯାତ୍ରା ଏଡାଇବା, ସୁନା କ୍ରୟ କମାଇବା ଏବଂ ଇନ୍ଧନ ସଞ୍ଚୟ କରିବା ପାଇଁ ଅନ୍ୟାନ୍ୟ ପଦକ୍ଷେପ ଗ୍ରହଣ କରିବାକୁ ଅପିଲ୍ କରିଥିଲେ । ଏହି ଅଭିଯାନର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ବିଦେଶୀ ମୁଦ୍ରା ସଞ୍ଚୟ କରିବା । ସେହି ସମୟରେ, ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଥିଲେ ଯେ, ଘରୋଇ କମ୍ପାନିଗୁଡ଼ିକୁ ମଧ୍ୟ ପରାମର୍ଶ ଦିଆଯିବ ସେମାନେ ସପ୍ତାହରେ ଦୁଇ ଦିନ ସମ୍ଭବ ହେଲେ କର୍ମଚାରୀମାନଙ୍କୁ ଘରୁ କାମ କରିବାକୁ ଅନୁମତି ଦିଅନ୍ତୁ । ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ସମାନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଥିଲା । ଘରୋଇ କ୍ଷେତ୍ରରେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଶ୍ରମ ବିଭାଗକୁ ଦାୟିତ୍ୱ ଦିଆଯାଇଥିଲା । ଅଭିଯାନର ଅଂଶ ସ୍ୱରୂପ, ସପ୍ତାହରେ ସୋମବାର ଦିନ ସରକାରୀ ଅଧିକାରୀ ଏବଂ ମନ୍ତ୍ରୀମାନେ ଇନ୍ଧନ ସଂରକ୍ଷଣର ବାର୍ତ୍ତା ପ୍ରସାର କରିବା ପାଇଁ ମେଟ୍ରୋରେ ଯାତ୍ରା କରିବେ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଜାରି କରିଥିଲେ ।

# ଏକନାଥ ସିନ୍ଦେଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ

**ନୂଆଦିଲ୍ଲୀ,୫।୭(ଏଜେନ୍ସି):** ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ତଥା ଶିବସେନା ମୁଖ୍ୟ ଏକନାଥ ସିନ୍ଦେଙ୍କୁ ଶନିବାର ଥାଣେର ଜୁପିଟର ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଶୁକ୍ରବାରଠାରୁ ସେ ସାମାନ୍ୟ ଜ୍ୱର, ଶରୀର ଯନ୍ତ୍ରଣା ଏବଂ ଥକ୍କା ଅନୁଭବ କରୁଥିଲେ, ତେଣୁ ଡାକ୍ତରମାନେ ତାଙ୍କୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ହସ୍ପିଟାଲରେ ଭର୍ତ୍ତି କରିବାକୁ ପରାମର୍ଶ ଦେଇଥିଲେ । ହସ୍ପିଟାଲ ସୂତ୍ର ଅନୁଯାୟୀ, ଶିବସେନା ମୁଖ୍ୟଙ୍କ ରୁଟିନ୍ ଯାଞ୍ଚ ଚାଲିଛି । ତାଙ୍କ ଅବସ୍ଥା ସ୍ଥିର ଅଛି ଏବଂ ଚିନ୍ତାର କୌଣସି କାରଣ ନାହିଁ । ଶୁକ୍ରବାରଠାରୁ ସିନ୍ଦେ ଅସୁସ୍ଥ ଅନୁଭବ କରୁଥିଲେ, ଯାହା ପରେ ଡାକ୍ତରମାନେ ତାଙ୍କୁ ଡାକ୍ତରୀ ଯାଞ୍ଚ କରିବାକୁ ପରାମର୍ଶ ଦେଇଥିଲେ । ବର୍ତ୍ତମାନ, ଡାକ୍ତରଙ୍କ ଏକ ଦଳ ହସ୍ପିଟାଲରେ ତାଙ୍କ ଅବସ୍ଥା ଉପରେ ନଜର ରଖିଛନ୍ତି ଏବଂ କେତେକ ପରୀକ୍ଷା କରାଯାଉଛି । ସୂତ୍ର ଅନୁଯାୟୀ, ଜ୍ୱର ଏବଂ ଥକ୍କାପଣର କାରଣ ନିର୍ଣ୍ଣୟ କରିବା ପାଇଁ ଡାକ୍ତରମାନେ ଆବଶ୍ୟକୀୟ ପରୀକ୍ଷା କରୁଛନ୍ତି। ହସ୍ପିଟାଲ କିମ୍ବା ଉପମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୌଣସି ସରକାରୀ ମେଡିକାଲ୍ ବୁଲେଟିନ୍ ଜାରି କରାଯାଇ ନାହିଁ । ଯାଞ୍ଚ ସମାପ୍ତ ହେବା ପରେ ହିଁ ସିନ୍ଦେଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ବିସ୍ତୃତ ସୂଚନା ଦିଆଯିବ ବୋଲି ଅନୁମାନ



କରାଯାଉଛି । ଶିବସେନାର ବରିଷ୍ଠ ନେତା ଏବଂ ସରକାରୀ ଅଧିକାରୀମାନେ ଡାକ୍ତର ଏବଂ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଅଛନ୍ତି । ଦଳୀୟ ଅଧିକାରୀମାନେ କହିଛନ୍ତି ଯେ, ସିନ୍ଦେଙ୍କର ଡାକ୍ତରୀ ପରୀକ୍ଷା ସମାପ୍ତ ହେବା ପରେ ସେ ଶୀଘ୍ର କାର୍ଯ୍ୟରେ ଯୋଗଦେବେ । ସୂଚନାଯୋଗ୍ୟ,ମହାରାଷ୍ଟ୍ରରେ ସମ୍ପ୍ରତି ମୌସୁମୀ ଋତୁ ଚାଲିଛି, ଯାହା ସାଧାରଣ ଭାଇରାଲ୍ ସଂକ୍ରମଣ, ଋତୁକାଳୀନ ଫ୍ଲୁ ଏବଂ ଥକ୍କାପଣ ଜନିତ ଅସୁସ୍ଥତା ସୃଷ୍ଟି କରୁଛି । ଏହି ଋତୁରେ ଲୋକମାନଙ୍କଠାରେ ପ୍ରାୟତଃ ଏହି ଲକ୍ଷଣଗୁଡ଼ିକ ପ୍ରକାଶ ପାଇଥାଏ । ଗତକାଲି ସିନ୍ଦେଙ୍କଠାରେ ମଧ୍ୟ ସମାନ ଲକ୍ଷଣ ଦେଖାଦେଇଥିଲା । ଯାହା ଫଳରେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସୂତ୍ର ଅନୁଯାୟୀ ଏହା ଏକ ସତର୍କତାମୂଳକ ପଦକ୍ଷେପ। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଅଛି ଏବଂ ସେ ଶୀଘ୍ର କାମକୁ ଫେରିବେ ।

# ବିବାହ ପରେ ପ୍ରେମ ସମ୍ପର୍କକୁ ଲୁଚାଇବା ପାଇଁ ଗୋପନୀୟତା ଅଧିକାରକୁ ବ୍ୟବହାର କରାଯାଇପାରିବ ନାହିଁ

**ନୂଆଦିଲ୍ଲୀ,୫।୭(ଏଜେନ୍ସି):** ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି ଯେ, ସମ୍ବିଧାନର ଧାରା ୨୧ ଅନୁଯାୟୀ ସୁନିଶ୍ଚିତ ଗୋପନୀୟତାର ଅଧିକାର ଏତେ ବ୍ୟାପକ ନୁହେଁ ଯେ, ଏହାକୁ ସ୍ୱାମୀ କିମ୍ବା ସ୍ତ୍ରୀଙ୍କଠାରୁ ସମ୍ପର୍କର ପ୍ରମାଣ ଲୁଚାଇବା ପାଇଁ ବ୍ୟବହାର କରାଯାଇପାରିବ । ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଛାଡପତ୍ର ମାମଲାରେ, ଯଦି ବ୍ୟଭିଚାର ପ୍ରମାଣ କରିବା ପାଇଁ ମୋବାଇଲ୍ କଲ୍ ରେକର୍ଡ କିମ୍ବା ହୋଟେଲ ରହଣି ରେକର୍ଡ ଆବଶ୍ୟକ ପଡ଼େ ତେବେ ଗୋପନୀୟତା ଅଧିକାରର ଆଳ ଦେଖାଇ ଏହି ପ୍ରମାଣଗୁଡ଼ିକୁ କୋର୍ଟରେ ଉପସ୍ଥାପନ କରିବାରୁ ରୋକାଯାଇପାରିବ ନାହିଁ । ଶୁକ୍ରବାର ଦିନ, ମାମଲାର ଶୁଣାଣି ସମୟରେ, ବିଚାରପତି ମନମୋହନ ଏବଂ ବିଚାରପତି କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ ଦିଲ୍ଲୀ ହାଇକୋର୍ଟଙ୍କର ରାୟକୁ



କାଏମ୍ ରଖି ସ୍ୱାମୀଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି । ସ୍ୱାମୀ ଯୁକ୍ତି ଦେଇଥିଲେ ଯେ, କୋର୍ଟଙ୍କ ପକ୍ଷରୁ ତାଙ୍କର ରେକର୍ଡ ଏବଂ ହୋଟେଲ ରହଣି ସୂଚନା ମାଗିବା ତାଙ୍କ ମୌଳିକ ଅଧିକାରର ଉଲ୍ଲଂଘନ । ଦିଲ୍ଲୀ ହାଇକୋର୍ଟ ଏହି ମାମଲାର ରାୟ ଶୁଣାଇବା ସମୟରେ କହିଥିଲେ ଯେ, ଗୋପନୀୟତାର ଅଧିକାର ସମ୍ପୂର୍ଣ୍ଣ ନୁହେଁ । କୋର୍ଟ କହିଥିଲେ, ଜନସ୍ୱାର୍ଥ ଏବଂ ନ୍ୟାୟ ସୁନିଶ୍ଚିତ କରିବା ପାଇଁ ଯୁକ୍ତିଯୁକ୍ତ ପ୍ରତିବନ୍ଧକ ଲଗାଯାଇପାରିବ। ଦିଲ୍ଲୀ ହାଇକୋର୍ଟ କହିଥିଲେ, ହିନ୍ଦୁ ବିବାହ ଆଇନ ବିଶ୍ୱାସଘାତକତାକୁ ଛାଡପତ୍ର ପାଇଁ ଏକ ଆଇନଗତ କାରଣ ଭାବରେ ମାନ୍ୟତା ଦିଏ । ତେଣୁ, ବିବାହ କରି ଅନ୍ୟ ମହିଳାଙ୍କ ସହିତ ଯୌନ ସମ୍ପର୍କ ରଖିବାର ଅଭିଯୋଗରେ ଅଭିଯୁକ୍ତ ଜଣେ ବିବାହିତ ପୁରୁଷଙ୍କୁ ସହାୟତା କରିବା ପାଇଁ ଗୋପନୀୟତାର ଅଧିକାରକୁ କୋର୍ଟ ଏକ ଢାଲ ଭାବେ ବ୍ୟବହାର କରିବା ଜନସ୍ୱାର୍ଥ ଉପଯୋଗୀ ହେବ ନାହିଁ । ସ୍ୱାମୀଙ୍କ ହୋଟେଲ୍ ରିଜର୍ଭେସନ୍ ଏବଂ କଲ୍ ଡିଟେଲ୍ ରେକର୍ଡର ବିବରଣୀ ପ୍ରଦାନ କରିବାକୁ ପରିବାର କୋର୍ଟଙ୍କର ରାୟକୁ କାଏମ୍ ରଖି ହାଇକୋର୍ଟ ରାୟ ପ୍ରଦାନ କରିଥିଲେ । ଏହି ମାମଲାରେ, ଦମ୍ପତି ୧୯୯୮ ମସିହାରେ ବିବାହ କରିଥିଲେ ଏବଂ ୨୦୦୦ ମସିହାରେ ତାଙ୍କର ଏକ ଝିଅ ଜନ୍ମ ହୋଇଥିଲା । ପତ୍ନୀ ଅଭିଯୋଗ କରିଥିଲେ ଯେ, ତାଙ୍କ ସ୍ୱାମୀଙ୍କର ବିବାହ ପରେ ଅନ୍ୟ ଜଣେ ମହିଳାଙ୍କ ସହିତ ସମ୍ପର୍କ ରହିଛି ଏବଂ ସ୍ୱାମୀ ତାଙ୍କ ସହିତ ଜୟପୁରର ଏକ ହୋଟେଲରେ ରହିଥିଲେୟ ଅଭିଯୋଗ ପରେ, ପତ୍ନୀ ଛାଡପତ୍ର ଆବେଦନ ଦାଖଲ କରିଥିଲେ ଏବଂ ତାଙ୍କ ସ୍ୱାମୀଙ୍କ ହୋଟେଲ ବୁକିଂ ରେକର୍ଡ ଏବଂ ମୋବାଇଲ୍ କଲ୍ ବିବରଣୀ ଦାଖଲ କରିବାକୁ କୋର୍ଟକୁ ଅନୁରୋଧ କରିଥିଲେ । ପରିବାର କୋର୍ଟ ଏହି ଅନୁରୋଧକୁ ମଞ୍ଜୁର କରିଥିଲେ। ଏହି ରାୟକୁ ପରେ ଦିଲ୍ଲୀ ହାଇକୋର୍ଟ ଏବଂ ବର୍ତ୍ତମାନ ସୁପ୍ରିମକୋର୍ଟ କାଏମ୍ ରଖିଛନ୍ତି ।

# ହର୍ମୁଜରେ ଜାହାଜକୁ ସୁରକ୍ଷା ଦେବା ପାଇଁ ଫ୍ରାନ୍ସର ବଡ଼ ପଦକ୍ଷେପ

**ନୂଆଦିଲ୍ଲୀ,୫।୭(ଏଜେନ୍ସି):** ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ଏବଂ ସାମୁଦ୍ରିକ ବାଣିଜ୍ୟର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ, ଫ୍ରାନ୍ସ ହର୍ମୁଜ୍ ପ୍ରଣାଳୀରେ ନିଜର ମାଇନ୍ ସଫାକାରୀ ମାଇନ୍ କାଉଣ୍ଟରମେଜର୍ସ ଆସେଟ୍ସ ନିୟୋଜିତ କରିଛି । ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ସୋସିଆଲ ମିଡିଆ ଏକ୍ସରେ ଘୋଷଣା କରିଛନ୍ତି ଯେ, ଦୁଇଟି ମାଇନ୍ ହଣ୍ଟର, ଦୁଇଟି ଫ୍ରିଗେଟ୍ ଏବଂ ଗୋଟିଏ ସାମୁଦ୍ରିକ ପାଟ୍ରୋଲ୍ ବିମାନ ହର୍ମୁଜ୍ ପ୍ରଣାଳୀକୁ ପଠାଯାଇଛି । ସେମାନଙ୍କର ଲକ୍ଷ୍ୟ ହେଉଛି ହର୍ମୁଜ୍ ପ୍ରଣାଳୀର ସମୁଦ୍ର ପଥକୁ ସମ୍ପୂର୍ଣ୍ଣ ସୁରକ୍ଷିତ କରିବା ଏବଂ ଜାହାଜର ଅବାଧ ଗତିବିଧି ସୁନିଶ୍ଚିତ କରିବା। ଫ୍ରାନ୍ସ କହିଛି, ଏହି ଜଳପଥରେ ସାଧାରଣ ଜାହାଜ ଯାତାୟାତ ପୁନଃସ୍ଥାପିତ କରିବା ପାଇଁ ଏହା ନିଜର ଅନ୍ୟ ସହଯୋଗୀମାନଙ୍କ ସହିତ କାମ କରିବାକୁ ପ୍ରସ୍ତୁତ । ଫ୍ରାନ୍ସ ରାଷ୍ଟ୍ରପତି ଲେଖିଛନ୍ତି, ଜୁନ୍ ୧୭ ତାରିଖରେ ଆମେରିକା-ଇରାନ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଆଞ୍ଚଳିକ ସ୍ଥିରତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହାଦ୍ୱାରା ହର୍ମୁଜରେ ଜାହାଜ ପରିଚାଳନା ସହଜ ହେବ । ଓମାନର ସୁଲତାନଙ୍କ ସହ ଆଲୋଚନା ପରେ, ମୁଁ ଏଭଳି ନିଷ୍ପତ୍ତି ନେଇଛି । ଏହା ସହିତ, ବ୍ରିଟେନ ଏବଂ ଫ୍ରାନ୍ସ ଏକ ମିଳିତ ବିବୃତି ଜାରି କରି କହିଛନ୍ତି ଯେ ଆବଶ୍ୟକ ହେଲେ ସେମାନେ ଏକ ବହୁରାଷ୍ଟ୍ରୀୟ ସାମରିକ ମିଶନ ନିୟୋଜିତ କରିବେ । ଉଭୟ ଦେଶ ଏହି ଅଞ୍ଚଳରେ ସ୍ଥିରତା ବଜାୟ ରଖିବା, ଅନ୍ତର୍ଜାତୀୟ ଆଇନ ପ୍ରତି ସମ୍ମାନ, ନୌଚାଳନା ସ୍ୱାଧୀନତା ଏବଂ ସାର୍ବଭୌମତ୍ୱ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି ।

# ସରକାରୀ ଧାର୍ଯ୍ୟ ଦରରେ ମିଳିବ ଔଷଧ

**ନୂଆଦିଲ୍ଲୀ,୫।୭(ଏଜେନ୍ସି):** କେନ୍ଦ୍ର ସରକାର ଡ୍ରଗ୍ସ ପ୍ରାଇସ୍ କଣ୍ଟ୍ରୋଲ୍ ଅର୍ଡର-ଡିପିସିଓ ୨୦୧୩ରେ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛନ୍ତି । ଏହାଦ୍ୱାରା ରୋଗୀମାନଙ୍କୁ ଶସ୍ତାରେ ଔଷଧ ମିଳିପାରିବ । ନୂଆ ନିୟମ ଅନୁଯାୟୀ, ଯଦି କୌଣସି ମେଡିକାଲ୍ ଷ୍ଟୋର୍ କିମ୍ବା କମ୍ପାନି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟଠାରୁ ଟଙ୍କାଟିଏ ବି ଅଧିକ ନିଅନ୍ତି , ତେବେ ସେମାନଙ୍କ ବିରୋଧରେ କଠୋର ଆଇନଗତ ଓ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ନୂଆ ବିଜ୍ଞପ୍ତି ଅନୁଯାୟୀ, ସରକାର ଗୋଟିଏ ଔଷଧର ଭିନ୍ନ ଭିନ୍ନ ପ୍ୟାକ୍ ସାଇଜ୍, ପ୍ୟାକେଜିଂ, ଡୋଜ୍ ଆଧାରରେ ଅଲଗା ଅଲଗା ସର୍ବାଧିକ ମୂଲ୍ୟ ସ୍ଥିର କରିପାରିବେ । ଏହାଦ୍ୱାରା ବଜାରରେ ଭିନ୍ନ ଭିନ୍ନ ପ୍ୟାକେଜିଂରେ ଆସୁଥିବା ଔଷଧର ମନଇଚ୍ଛା ଦାମ୍ ଉପରେ ରୋକ୍ ଲାଗିବ ଏବଂ ସେଗୁଡ଼ିକର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ କରିବା ସହଜ ହେବ ।ଏହାସହ ନିୟମକୁ କଡ଼ାକଡ଼ି କରି ସରକାର ସ୍ପଷ୍ଟ କରିଛନ୍ତି ଯେ, କୌଣସି କମ୍ପାନି ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଟଙ୍କା ନେଲେ ତାକୁ ଅଧିକ ନେଇଥିବା ଅର୍ଥ ସୁଧ ସହିତ ଫେରସ୍ତ କରିବାକୁ ହେବ । ମୋଟା ଅଙ୍କର ଜରିମାନା ମଧ୍ୟ ଦେବାକୁ ପଡ଼ିବ ।

# ଖେମିନିଙ୍କ ଅନ୍ତିମ ସଂସ୍କାରକୁ ନେଇ ଉପହାସ କଲେ ଟ୍ରମ୍ପ


**ନୂଆଦିଲ୍ଲୀ,୫।୭(ଏଜେନ୍ସି):** ଇରାନର ପୂର୍ବତନ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମିନିଙ୍କ ଅନ୍ତିମ ସଂସ୍କାର ଆରମ୍ଭ ହୋଇଛି। ଏସମ୍ପର୍କରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପହାସ ଭରା ବିବୃତି ପୁଣି ଥରେ ଶିରୋନାମା ପାଲଟିଛି । ଟ୍ରମ୍ପଙ୍କ ମନ୍ତବ୍ୟ ପୁଣି ବିବାଦ ସୃଷ୍ଟି କରିଛି। ଇରାନକୁ ଟାର୍ଗେଟ କରି ଟ୍ରମ୍ପ ଦାବି କରିଛନ୍ତି ଯେ, ଆମେରିକା ଭଲ ସ୍ୱଭାବର ହୋଇଥିବାରୁ ଇରାନକୁ ଅନ୍ତିମ ସଂସ୍କାର ପାଇଁ ଏକ ସପ୍ତାହ ସମୟ ପ୍ରଦାନ କରାଯାଇଛି । ମାଉଣ୍ଟ ରସମୋରରୁ ଟ୍ରମ୍ପ ଏଭଳି ଉପହାସ କରିଛନ୍ତି । ଆମେରିକାର ୨୫୦ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଦକ୍ଷିଣ ଡାକୋଟାର ମାଉଣ୍ଟ ରସମୋରରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଡୋନାଲ୍ଡ ଟ୍ରମ୍ପ ସାମ୍ପ୍ରତିକ ଆମେରିକା-ଇରାନ ବିବାଦକୁ ଉଲ୍ଲେଖ କରି ତାଚ୍ଛଲ୍ୟ କରି କହିଛନ୍ତି, ଆମେ ଇରାନକୁ



ସମ୍ପୂର୍ଣ୍ଣ ଭାବରେ ଚକିତ କରିଦେଇଛୁ। ଏବେ ସେମାନେ ଏକ ଚୁକ୍ତି ପାଇଁ ବ୍ୟାକୁଳ ହେଉଛନ୍ତି । ଆମେ ଭଲ ସ୍ୱଭାବର ହୋଇଥିବାରୁ ସେମାନଙ୍କୁ ଅନ୍ତିମ ସଂସ୍କାର ପାଇଁ ଗୋଟିଏ ସପ୍ତାହ ଛୁଟି ଦେଇଛୁ । ଇରାନରେ ଆୟାତୋଲ୍ଲା ଅଲି ଖେମିନିଙ୍କ ପାଇଁ ଏକ ସପ୍ତାହ ବ୍ୟାପୀ ରାଷ୍ଟ୍ରୀୟଶ ଅନ୍ତିମ ସଂସ୍କାର ଆରମ୍ଭ ହେବା ପରେ ଟ୍ରମ୍ପଙ୍କ ଏହି ବିବୃତି ଆସିଛି । ଇରାନ ଅନୁଯାୟୀ, ଖେମିନି ଫେବ୍ରୁଆରି ୨୮ ତାରିଖରେ ଆମେରିକା ଏବଂ ଇସ୍ରାଏଲର ମିଳିତ ବିମାନ ଆକ୍ରମଣରେ ପ୍ରାଣ ହରାଇଥିଲେ । ଏହି ଆକ୍ରମଣରେ ତାଙ୍କ ପରିବାରର ଅନେକ ସଦସ୍ୟ, ତାଙ୍କ ଝିଅ, ଜ୍ୱାଇଁ, ନାତି ଏବଂ ବୋହୂ ମଧ୍ୟ ପ୍ରାଣ ହରାଇଥିଲେ । ଇସଲାମିକ ପରମ୍ପରା ଅନୁଯାୟୀ ଜଣେ ବ୍ୟକ୍ତିଙ୍କୁ ୨୪ ଘଣ୍ଟା ମଧ୍ୟରେ କବର ଦିଆଯିବା ଆବଶ୍ୟକ, କିନ୍ତୁ ଯୁଦ୍ଧ ଏବଂ ସୁରକ୍ଷା ଚିନ୍ତା ଯୋଗୁଁ ଖାମେନିଙ୍କ ଅନ୍ତିମ ସଂସ୍କାରକୁ ସ୍ଥଗିତ ରଖାଯାଇଥିଲା । ଗତ ମାସରେ ଅସ୍ତ୍ରବିରତି କାର୍ଯ୍ୟକାରୀ ହେବା ପରେ ଇରାନ କର୍ତ୍ତୃପକ୍ଷ ଅନ୍ତିମ ସଂସ୍କାରର ସମୟ ନିର୍ଦ୍ଧାରଣ କରିଥିଲେ ।

# ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ ନୀତି ବିରୋଧରେ ରାଜପଥକୁ ଓହ୍ଲାଇବେ ଗାଡ଼ି ମାଲିକ

**ନୂଆଦିଲ୍ଲୀ,୫।୭(ଏଜେନ୍ସି):** ଭାରତରେ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ୍ ମିଶ୍ରଣ (ଇ-୨୦ ଫୁଏଲ୍) କୁ ନେଇ ଚାଲିଥିବା ବିବାଦ ଏବେ ସୋସିଆଲ ମିଡିଆରୁ ବାହାରି ପ୍ରଥମ ଥର ପାଇଁ ରାଜରାସ୍ତାକୁ ଆସିବାକୁ ଯାଉଛି । ଜଣାଶୁଣା ଉଦ୍ୟୋଗୀ ତଥା ଟିଭି ବ୍ୟକ୍ତିତ୍ୱ ତେହସିନ୍ ପୁନାୱାଲାଙ୍କ ନେତୃତ୍ୱରେ 'ଟିମ୍ ଭାରତ ଏଗେନଷ୍ଟ ଦି ଇଥାନଲ୍ ସ୍କାମ୍' ବ୍ୟାନରରେ ଆସନ୍ତା ରବିବାର ଅପରାହ୍ନ ୨ ଟାରେ ଦିଲ୍ଲୀର ଜନ୍ତର ମନ୍ତରଠାରେ ଏକ ବଡ଼ ଧରଣର ଜନ ଆନ୍ଦୋଳନ କରାଯିବ ବୋଲି ଘୋଷଣା କରାଯାଇଛି । ପୁନାୱାଲା ଦିଲ୍ଲୀ ପୁଲିସକୁ ଅନୁରୋଧ କରିଛନ୍ତି ଯେ ସେମାନଙ୍କର ଗଣତାନ୍ତ୍ରିକ ପ୍ରତିବାଦ କରିବାର ଅଧିକାରକୁ ସମ୍ମାନ ଦିଆଯାଉ, ମାତ୍ର ଯଦି ପୁଲିସ ଏହି ଆନ୍ଦୋଳନ ପାଇଁ ଅନୁମତି ନଦିଏ, ତେବେ ଶତାଧିକ ଗାଡ଼ି ଚାଳକ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀଙ୍କ ବାସଭବନ ଆଗରେ ବସି ରହି ଧାରଣା ଦେବେ ବୋଲି ସେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନ କୌଣସି ରାଜନୈତିକ ଦଳ ଦ୍ୱାରା ହେଉନାହିଁ । ବରଂ ଦେଶର ମଧ୍ୟବିତ୍ତ ପରିବାର ଓ ସାଧାରଣ ଗାଡ଼ି ମାଲିକମାନେ ଏଥିରେ ସାମିଲ ହେଉଛନ୍ତି ଯେଉଁମାନେ ସରକାରଙ୍କ ଏହି ନୀତି ଯୋଗୁଁ ନିଜକୁ ଠକାମିର ଶିକାର ମନେ କରୁଛନ୍ତି । ବର୍ତ୍ତମାନ ସୋସିଆଲ ମିଡିଆରେ ଅସଂଖ୍ୟ ଭିଡିଓ ଭାଇରାଲ୍ ହେବାରେ ଲାଗିଛି ଯେଉଁଥିରେ ଲୋକେ ଦେଖାଉଛନ୍ତି ଯେ ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ ଯୋଗୁଁ ଗାଡ଼ିର



ମାଇଲେଜ୍ ବହୁତ କମିଯାଉଛି ଏବଂ ପୁରୁଣା ଗାଡ଼ିଗୁଡ଼ିକର ଇଞ୍ଜିନ୍ ଖରାପ ହେବା ସହ ମରାମତି ଖର୍ଚ୍ଚ ବଢୁଛି । ଏକ ରିପୋର୍ଟ ଅନୁଯାୟୀ, ଭାରତର ପ୍ରାୟ ୮୦ ପ୍ରତିଶତ ଗାଡ଼ି ଏହି ଇ-୨୦ ପେଟ୍ରୋଲ୍ ବ୍ୟବହାର ପାଇଁ ଉପଯୁକ୍ତ ନୁହନ୍ତି, ତଥାପି ସରକାର ଗ୍ରାହକଙ୍କୁ କୌଣସି ବିକଳ୍ପ ନଦେଇ ଏହାକୁ ବାଧ୍ୟତାମୂଳକ କରିଛନ୍ତି । ଆନ୍ଦୋଳନକାରୀମାନେ ଦାବି କରିଛନ୍ତି ଯେ ସରକାର ଇ-୨୦ ସମ୍ବନ୍ଧୀୟ ସମସ୍ତ ବୈଷୟିକ ତଥ୍ୟ ସାର୍ବଜନୀନ କରନ୍ତୁ, ପେଟ୍ରୋଲ୍ ପମ୍ପରେ ବିନା ଇଥାନଲର ଶୁଦ୍ଧ ପେଟ୍ରୋଲର ବିକଳ୍ପ ରଖନ୍ତୁ ଏବଂ ସମସ୍ତ ପକ୍ଷଙ୍କ ସହ ଆଲୋଚନା ନକରି ଆଗକୁ ଇ-୨୫ କିମ୍ବା ଇ-୩୦ ଇନ୍ଧନ ଲାଗୁ କରିବା ଉପରେ ରୋକ୍ ଲଗାନ୍ତୁ । ଅନ୍ୟପଟେ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ଏହି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ ଇଥାନଲ୍ ଯୋଗୁଁ ମାଇଲେଜରେ ବହୁତ କମ୍ ପ୍ରଭାବ ପଡ଼େ ଏବଂ ଏହା ଦ୍ୱାରା ଗାଡ଼ିର ପିକଅପ୍ ଭଲ ହୋଇଥାଏ, ମାତ୍ର ପୁନାୱାଲା ସରକାରଙ୍କ ଏହି ଯୁକ୍ତିକୁ ଅହଂକାର ବୋଲି କହିଛନ୍ତି । ଏହି ପ୍ରସଙ୍ଗକୁ ନେଇ ଏବେ ରାଜନୀତି ମଧ୍ୟ ସରଗରମ ହୋଇଛି, ଆମ୍ ଆଦମୀ ପାର୍ଟିର ସଂଯୋଜକ ଅରବିନ୍ଦ କେଜ୍ରିୱାଲ ସରକାରଙ୍କୁ ସମାଲୋଚନା କରି କହିଛନ୍ତି ଯେ ସରକାର ସାରା ଦେଶକୁ ଏକ ପରୀକ୍ଷାଗାର ବନାଇ ଦେଇଛନ୍ତି ଏବଂ କଂଗ୍ରେସ ନେତା ପବନ ଖେଡ଼ା ମଧ୍ୟ ଏହା ଦ୍ୱାରା ଚାଷୀମାନଙ୍କର କଣ ଲାଭ ହେଲା ସେନେଇ ପ୍ରଶ୍ନ ଉଠାଇଛନ୍ତି ।

# ମମତାଙ୍କୁ ବଡ଼ ଝଟକା,ଚନ୍ଦ୍ରିମା ଛାଡିଲେ ଦଳ

**ନୂଆଦିଲ୍ଲୀ,୫।୭(ଏଜେନ୍ସି):** ତୃଣମୂଳ କଂଗ୍ରେସରେ ସଙ୍କଟ ଜାରି ରହିଛି । ମମତା ବାନାର୍ଜୀଙ୍କୁ ପୁଣି ଶକ୍ତ ଝଟକା ଲାଗିଛି । ଦଳର ବରିଷ୍ଠ ନେତ୍ରୀ ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ତୃଣମୂଳର ରାଜ୍ୟ ସଭାପତି ପଦ ସମେତ ଦଳର ସମସ୍ତ ପଦବୀରୁ ଇସ୍ତଫା ଦେଇଛନ୍ତି । ସେ ମମତା ବାନାର୍ଜୀଙ୍କୁ ଏକ ଚିଠି ମାଧ୍ୟମରେ ଜଣାଇଛନ୍ତି ଯେ, ସେ ଜୁନ୍ ୩ ତାରିଖରେ ତାଙ୍କୁ ଯେଉଁ ପଦବୀରେ ନିଯୁକ୍ତ କରାଯାଇଥିଲା ସେହି ପଦବୀ ସହିତ ଦଳର ସମସ୍ତ ପଦବୀରୁ ଇସ୍ତଫା ଦେଉଛନ୍ତି । ଚନ୍ଦ୍ରିମା ବିଭିନ୍ନ ବ୍ୟାଙ୍କରେ ତୃଣମୂଳ ଏବଂ ଏହାର ବିଭିନ୍ନ ଶାଖା ସଂଗଠନ ଦ୍ୱାରା କରାଯାଇଥିବା ଆକାଉଣ୍ଟଗୁଡ଼ିକର ସ୍ୱାକ୍ଷରକାରୀ ଦାୟିତ୍ୱରୁ ମଧ୍ୟ ମୁକ୍ତି ମାଗିଛନ୍ତି । ସେ ନିର୍ବାଚନ କମିସନରେ ତୃଣମୂଳର ପ୍ରତିନିଧିତ୍ୱ କରିବା ପାଇଁ ଉତ୍ତରଦାୟୀ ଥିଲେ । ଚନ୍ଦ୍ରିମା ସେ ଦାୟିତ୍ୱ ମଧ୍ୟ ଛାଡି ଦେଇଛନ୍ତି। ଚନ୍ଦ୍ରିମାଙ୍କ ପୁଅ ସୌରଭ ବସୁ କିଛି ଦିନ ତଳେ ଋତୁବ୍ରତ ବାନାର୍ଜୀଙ୍କ ନେତୃତ୍ୱରେ ତୃଣମୂଳ ବିଦ୍ରୋହୀ ଗୋଷ୍ଠୀରେ ଯୋଗ ଦେଇଛନ୍ତି । ଏହା ପରେ କଳ୍ପନାଜଳ୍ପନା ଉଠିଥିଲା । ପ୍ରଶ୍ନ ଉଠିଥିଲା, ତାଙ୍କ ପୁଅ ବିରୋଧୀ ଶିବିରରେ ଯୋଗ ଦେଇଥିବା ବେଳେ ତାଙ୍କ ମାଆ କେତେ ଦିନ ମମତାଙ୍କ ତୃଣମୂଳ ଶିବିରରେ ରହିବେ ? ଚନ୍ଦ୍ରିମା ଶନିବାର ମମତାଙ୍କୁ ଏକ ଚିଠି ଲେଖି ସମସ୍ତ ପଦବୀରୁ ଇସ୍ତଫା ଦେଇଛନ୍ତି । ଯେତେବେଳେ ଋତୁବ୍ରତଙ୍କୁ ଏ ବିଷୟରେ ପଚରାଗଲା, ସେ କହିଲେ, ଏକ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନିରେ, ପାନ ପତ୍ରରୁ ଚୂନ ଖସିଲେ ନାଲି ଆଖି ଦେଖିବାକୁ ମିଳୁଥିଲା ।ସେହି ସଂସ୍କୃତି ଏବେ ଅତୀତର କଥା । ସେଥିପାଇଁ କେହି ପ୍ରାଇଭେଟ୍ ଲିମିଟେଡ୍ କମ୍ପାନି ସହିତ ସମ୍ପର୍କରେ ରହିବାକୁ ଚାହୁଁ ନାହାନ୍ତି । ମମତାଙ୍କ ତୃଣମୂଳ ସମର୍ଥକ ନେତା ଶୋଭନଦେବ ଚଟ୍ଟାର୍ଜୀ କହିଛନ୍ତି ଯେ, ଚିଠି ନଦେଖି ସେ କିଛି କହିବେ ନାହିଁ । ଚିଠି ଏପର୍ଯ୍ୟନ୍ତ ତାଙ୍କ ପାଖରେ ପହଞ୍ଚି ନାହିଁୟମମତାଙ୍କ କ୍ୟାବିନେଟରେ ଚନ୍ଦ୍ରିମା ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ । ଯଦିଓ ମମତା ରାଜ୍ୟର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଭାଗ ଅର୍ଥ ଏବଂ ସ୍ୱାସ୍ଥ୍ୟରେ ମନ୍ତ୍ରୀ ଥିଲେ, ଚନ୍ଦ୍ରିମା ରାଷ୍ଟ୍ରମନ୍ତ୍ରୀ ଥିଲେ । ମମତା ଚନ୍ଦ୍ରିମାଙ୍କ ବ୍ୟତୀତ କାହା ଉପରେ ଅଧିକ ଭରସା କରୁନଥିଲେ। ସେଥିପାଇଁ, କିଛି ନେତାଙ୍କ ଆପତ୍ତି ସତ୍ତ୍ୱେ, ଦଳର ବିଭାଜନ ସମୟରେ ନେତା ଚନ୍ଦ୍ରିମାଙ୍କୁ ରାଜ୍ୟ ସଭାପତି ଭାବରେ ବାଛିଥିଲେ ।

# କାଶ୍ମୀରର ସରକାରୀ ସ୍କୁଲ ବହିରେ ଆତଙ୍କବାଦୀଙ୍କୁ 'ମହାନାୟକ' ସମ୍ମାନ, ବିଜେପିର ତୀବ୍ର ପ୍ରତିବାଦ

**ନୂଆଦିଲ୍ଲୀ,୫।୭(ଏଜେନ୍ସି):** ଜାମ୍ମୁ-କାଶ୍ମୀରର ସରକାରୀ ସ୍କୁଲ ପାଠାଗାର ଗୁଡ଼ିକରେ ବଣ୍ଟା ଯାଇଥିବା ଏକ ବହିରେ ଦଣ୍ଡିତ ଆତଙ୍କବାଦୀ ଓ ବିଚ୍ଛିନ୍ନତାବାଦୀ ନେତାମାନଙ୍କୁ ପ୍ରଶଂସା କରାଯାଇ ମହାନ ବ୍ୟକ୍ତିତ୍ୱ ତଥା ଦେଶର ରୋଲ୍ ମଡେଲ୍ ଭାବେ ଚିତ୍ରିତ କରାଯିବା ଘଟଣାକୁ ନେଇ ଏବେ ରାଜନୈତିକ ଝଡ଼ ସୃଷ୍ଟି ହୋଇଛି । ସମଗ୍ର ଶିକ୍ଷା ଅଭିଯାନର ଲୋଗୋ ଥାଇ 'ଗ୍ରେଟ୍ ପର୍ସନାଲିଟିଜ୍ ଆଣ୍ଡ ଲେଜେଣ୍ଡସ ଅଫ୍ ଜେଆଣ୍ଡକେ (ସିରିଜ୍-୪)' ନାମକ ଏହି ବିବାଦୀୟ ବହିଟି ଚଳିତ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଛି, ଯେଉଁଥିରେ ଆଇନ ଅନୁଯାୟୀ ଫାଶୀ ପାଇଥିବା କୁଖ୍ୟାତ ଆତଙ୍କବାଦୀ ମକବୁଲ୍ ଭଟ୍ଟଙ୍କୁ 'ଶହୀଦ-ଇ-ଆଜମ' ଓ 'କ୍ରାନ୍ତିକାରୀ' ବୋଲି କୁହାଯାଇଥିବା ବେଳେ ସୈୟଦ ଅଲ୍ଲୀ ଶାହ ଗିଲାନୀ, ମସରତ ଆଲମ ଓ ମିରୱାଇଜ୍ ଉମର ଫାରୁକଙ୍କ ଭଳି ବିଚ୍ଛିନ୍ନତାବାଦୀଙ୍କୁ ପ୍ରଶଂସା କରାଯାଇଛି। ବିଧାନସଭାର ବିରୋଧୀ ଦଳ ନେତା ତଥା ବିଜେପି ପ୍ରମୁଖ ସୁନୀଲ ଶର୍ମା ଏହାକୁ ଶିକ୍ଷାଗତ ଜିହାଦ ବୋଲି ଆଖ୍ୟା ଦେଇ କହିଛନ୍ତି ଯେ କୋମଳମତି ପିଲାମାନଙ୍କ ମନରେ ଦେଶପ୍ରେମ ବଦଳରେ ଦେଶଦ୍ରୋହୀଙ୍କ ପ୍ରତି ସମ୍ମାନ ଭରିବାକୁ ଏହା ଏକ ଷଡ଼ଯନ୍ତ୍ର । ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସରକାରଙ୍କୁ ଦାୟୀ କରିବା ସହ ତୁରନ୍ତ ଶିକ୍ଷାମନ୍ତ୍ରୀ ସକିନା ଇତୁଙ୍କୁ ପଦରୁ ହଟାଇବା ଏବଂ ବହି ଚୟନ କରିଥିବା କମିଟି ସଦସ୍ୟଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି । ଅନ୍ୟପଟେ ଏହି ଘଟଣାକୁ ନେଇ ଚାରିଆଡୁ ସମାଲୋଚନାର ଶିକାର ହେବା ପରେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ନିଜର ସଫେଇ ଦେଇ କହିଛନ୍ତି ଯେ, ସେ ଏହି ବହିଟିକୁ ଏପର୍ଯ୍ୟନ୍ତ ପଢ଼ିନାହାନ୍ତି କିମ୍ବା ଆଦୌ ଦେଖିନାହାନ୍ତି । ଏହି ପ୍ରସଙ୍ଗକୁ ପ୍ରଥମେ ସାମ୍ନାକୁ ଆଣିଥିବା ସାମାଜିକ ସଂଗଠନ 'ଜାମ୍ମୁ ଓ କାଶ୍ମୀର ପିପୁଲ୍ସ ଫୋରମ୍' କହିଛି ଯେ, ଯେଉଁ ଆତଙ୍କବାଦୀଙ୍କ ହାତ ନିରୀହ ଲୋକ ଓ ସେନା ଜବାନଙ୍କ ରକ୍ତରେ ଭିଜିଛି, ସେମାନଙ୍କୁ ସ୍କୁଲରେ ବୀର ସୈନିକ ସହ ତୁଳନା କରି ସରକାର ଦେଶ ପାଇଁ ଶହୀଦ ହୋଇଥିବା ବୀର ଯବାନଙ୍କ ପରିବାର ପ୍ରତି ବିଶ୍ୱାସଘାତକତା କରିଛନ୍ତି ଏବଂ ସେମାନଙ୍କ କ୍ଷତରେ ଲୁଣ ବୋଳିଛନ୍ତି । ସଙ୍ଗଠନ ପକ୍ଷରୁ ଏହି ବହିକୁ ତୁରନ୍ତ ନିଷେଧ କରିବା ସହ ନୂଆ ଶିକ୍ଷା ନୀତି ଅଧୀନରେ ଏହି ବହିଟି କିଭଳି ବିନା ଯାଞ୍ଚରେ ସରକାରୀ ଶିକ୍ଷା ବ୍ୟବସ୍ଥାରେ ସାମିଲ ହେଲା, ସେନେଇ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଉପ-ରାଜ୍ୟପାଳ ମନୋଜ ସିହ୍ନାଙ୍କୁ ଅନୁରୋଧ କରାଯାଇଛି। ମକବୁଲ୍ ଭଟ୍ଟ ଜଣେ ହତ୍ୟାକାରୀ ଓ ଆତଙ୍କବାଦୀ ଥିଲା, ଯାହାକୁ ସର୍ବୋଚ୍ଚ ଅଦାଲତ ଦୋଷୀ ସାବ୍ୟସ୍ତ କରିବା ପରେ ୧୯୮୪ ଫେବୃଆରୀ ୧୧ ରେ ତିହାର ଜେଲରେ ଫାଶୀ ଦିଆଯାଇଥିଲା ।



# ଆରଏସ୍‌ପି ର ନ୍ୟୁ ପ୍ଲେଟ୍ ମିଲ୍‌ଦ୍ୱାରା ଜୁନ୍ ମାସରେ ରେକର୍ଡ ଉତ୍ପାଦନ ଏବଂ ଚାଲାଣ

**ରାଉରକେଲା, ୫।୭ (ନି.ପ୍ର):** ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍, ରାଉରକେଲା ଇସ୍ପାତ କାରଖାନା ର ନ୍ୟୁ ପ୍ଲେଟ୍ ମିଲ୍ ଗତ ଜୁନ୍ ମାସରେ ୮୯,୨୨୬ ଟନ୍ ପ୍ଲେଟ୍ ଉତ୍ପାଦନ ସହ ୮୪,୯୯୭ ଟନ୍ ଚାଲାଣ କରି ଏଯାବତ ସର୍ବୋଚ୍ଚ ଜୁନ୍ ମାସର ପ୍ରଦର୍ଶନ ରେକର୍ଡ କରିଛି। ଏହି ପରିମାଣ ପୂର୍ବରୁ ଜୁନ୍ ମାସରେ ହୋଇଥିବା ସର୍ବୋଚ୍ଚ ରେକର୍ଡ ଯଥା ୮୨,୦୯୮ ଟନ୍ ଉତ୍ପାଦନ ଏବଂ ୮୪,୪୮୧ ଟନ୍ ଚାଲାଣ ପରିମାଣ କୁ ଅତିକ୍ରମ କରିଯାଇଛି। ଆଲୋଚ୍ୟ ଜୁନ ମାସ ମଧ୍ୟରେ, ନ୍ୟୁ ପ୍ଲେଟ୍ ମିଲ୍ ୮,୭୦୬ ଟି ସ୍ଲାବ୍ ରୋଲିଂ କରିଛି, ଯାହାକି କୌଣସି ୩୦ ଦିନିଆ ମାସ ମଧ୍ୟରେ ସର୍ବାଧିକ ଅଟେ; ଏଥିସହିତ ତିନୋଟି ଭିନ୍ନ ଭିନ୍ନ ଦିବସରେ ଦୈନିକ ୩୫୦ ରୁ ଅଧିକ ସ୍ଲାବ୍ ରୋଲିଂ ମଧ ରେକର୍ଡ କରାଯାଇଛି। ନ୍ୟୁ ପ୍ଲେଟ୍ ମିଲ୍ ଆର୍ଥିକ ବର୍ଷ ୨୦୨୬–୨୭ ର ପ୍ରଥମ ତ୍ରୈମାସିକ ରେ ଉଭୟ ଉତ୍ପାଦନ ଏବଂ ଚାଲାଣ କ୍ଷେତ୍ରରେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ମଧ ପଞ୍ଜିକୃତ କରିଛି। ଗତ ବର୍ଷର ସମାନ ଅବଧି ତୁଳନାରେ, ଚଳିତ ଆର୍ଥିକ ବର୍ଷ ରେ ଉତ୍ପାଦନ ୧୧.୫୫ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ଚାଲାଣ ଅନୁରୂପ ୫.୨୯ ପ୍ରତିଶତ ବୃଦ୍ଧି ପାଇଛି। ଏହି ଅବସରରେ ନ୍ୟୁ ପ୍ଲେଟ୍ ମିଲ୍ ସମୁଦାୟିକଙ୍କୁ ଅଭିନନ୍ଦନ ଜଣାଇ, ଆର.ଏସ୍.ପି. ର ଭାରପ୍ରାପ୍ତ ନିର୍ଦ୍ଦେଶକ, ଶ୍ରୀ ଆଲୋକ ବର୍ମା, ବିଭାଗ, ବିଭାଗୀୟ ନେତୃତ୍ୱ ଏବଂ ସମସ୍ତ ସହଯୋଗୀ ବିଭାଗର ଏହି ସମନ୍ୱୟ କୁ ପ୍ରଶଂସା କରି ସେମାନଙ୍କର ସମ୍ମିଳିତ ପ୍ରୟାସକୁ ମଧ ପ୍ରଶଂସା କରିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ, ରାଉରକେଲା ଇସ୍ପାତ କାରଖାନାର ଏହି ଗୁରୁତ୍ୱପୂର୍ଣ୍ଣ କ୍ଷଣ ରେ ପ୍ରଦର୍ଶନକୁ ଆହୁରି ବୃଦ୍ଧି କରିବାକୁ ହେବ ଯଦ୍ଦ୍ୱାରା କାରଖାନା ଅଧିକ ଶକ୍ତିଶାଳୀ ହୋଇପାରିବ। ଏହି ସଫଳତା କାର୍ଯ୍ୟ, ରକ୍ଷଣାବେକ୍ଷଣ, ଗୁଣବତ୍ତା, ଲଜିଷ୍ଟିକ୍ସ ଏବଂ ଅନ୍ୟାନ୍ୟ ସହଯୋଗୀ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱିତ ପ୍ରୟାସକୁ ପ୍ରତିଫଳିତ କରୁଛି, ଏବଂ କାର୍ଯ୍ୟ ଉତ୍କର୍ଷ ତଥା ଗ୍ରାହକମାନଙ୍କୁ ସମୟାନୁବର୍ତ୍ତୀ ସେବା ପ୍ରଦାନ ପ୍ରତି ନ୍ୟୁ ପ୍ଲେଟ୍ ମିଲ୍ ର ପ୍ରତିବଦ୍ଧତାକୁ ମଧ ଦର୍ଶାଉଛି ।

# ସିଏସଏମ୍ ଟେକ୍ନୋଲୋଜିଜ୍ ବିଏସଇ ଓ ଏନଏସଇର ମେନବୋର୍ଡରେ ତାଲିକାଭୁକ୍ତ ହୋଇ ସୃଷ୍ଟି କଲା ଐତିହାସିକ ମାଇଲଖୁଣ୍ଟ

**ମୁମ୍ବାଇ/ଭୁବନେଶ୍ୱର, ୫।୭ (ନି.ପ୍ର) :** ଭୁବନେଶ୍ୱର ମୁଖ୍ୟାଳୟ ବିଶିଷ୍ଟ ବହୁରାଷ୍ଟ୍ରୀୟ ଗଭଟେକ୍ (GovTech) କମ୍ପାନୀ ସିଏସଏମ୍ ଟେକ୍ନୋଲୋଜିଜ୍ ଲିମିଟେଡ୍ ଆଜି ନିଜର ପ୍ରାରମ୍ଭିକ ସାର୍ବଜନୀନ ଶେୟାର୍ ନିର୍ଗମ (IPO) ସଫଳତାର ସହ ସମ୍ପନ୍ନ କରିବା ପରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍ (BSE) ଏବଂ ନ୍ୟାସନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍ (NSE) ମେନବୋର୍ଡରେ ତାଲିକାଭୁକ୍ତ ହୋଇ ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି। ବିଏସଇରେ ଆୟୋଜିତ ଔପଚାରିକ ତାଲିକାଭୁକ୍ତି ସମାରୋହରେ ପାରମ୍ପରିକ ଲିଷ୍ଟିଂ ଗଙ୍ଗ୍ ବଜାଇ ଏହି ଐତିହାସିକ କ୍ଷଣକୁ ଉଦ୍‌ଯାପନ କରାଯାଇଥିଲା। ଏହି ଅବସରରେ ସିଏସଏମ୍ ଟେକ୍ନୋଲୋଜିଜ୍ର ନେତୃତ୍ୱବର୍ଗଙ୍କ ସହ ବିଶିଷ୍ଟ ଅତିଥି, ନିର୍ଦ୍ଦେଶକମଣ୍ଡଳୀର ସଦସ୍ୟ ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହା କେବଳ କମ୍ପାନୀର ସଫଳତାର ଉତ୍ସବ ନୁହେଁ, ବରଂ ଓଡ଼ିଶାର ଦ୍ରୁତ ବିକାଶଶୀଳ ପ୍ରଯୁକ୍ତି ଓ ଉଦ୍ୟୋଗୀ ପରିବେଶ ପାଇଁ ମଧ ଏକ ଗର୍ବର ମୁହୂର୍ତ୍ତ। ଏହି ଅବସରରେ ସିଏସଏମ୍ ଟେକ୍ନୋଲୋଜିଜ୍ ଲିମିଟେଡ୍ର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟଦର୍ଶୀ ପାଣି କହିଥିଲେ,

'ଆଜିର ଏହି ତାଲିକାଭୁକ୍ତି କେବଳ ଶେୟାର ବଜାରରେ ପ୍ରବେଶ ନୁହେଁ; ଏହା ଓଡ଼ିଶାର ପ୍ରଯୁକ୍ତିଗତ ଆକାଂକ୍ଷାର ପରିପକ୍ୱତାର ପ୍ରତୀକ। ଭୁବନେଶ୍ୱରରେ ଆମର ଛୋଟ ଯାତ୍ରାରୁ ଆରମ୍ଭ କରି ଆଜି ବିଶ୍ୱର ବିଭିନ୍ନ ଦେଶର ସରକାର ଓ ଉଦ୍ୟୋଗଗୁଡ଼ିକୁ ସେବା ପ୍ରଦାନ କରିବା ପର୍ଯ୍ୟନ୍ତ ଆମର ଏହି ସଫଳ ଯାତ୍ରା ଆମର ଗ୍ରାହକ, ନିବେଶକ, କର୍ମଚାରୀ ଏବଂ ସହଭାଗୀମାନଙ୍କ ଅତୁଟ ବିଶ୍ୱାସ ଯୋଗୁଁ ସମ୍ଭବ ହୋଇଛି।' ସେ ଆହୁରି କହିଥିଲେ, 'ବିଏସଇ ଏବଂ ଏନଏସଇ ଉଭୟର ମେନବୋର୍ଡରେ ତାଲିକାଭୁକ୍ତ ହେବା ଆମ ପାଇଁ ଯେତିକି ଗୌରବର ବିଷୟ, ସେତିକି ଦାୟିତ୍ୱର ମଧ ବିଷୟ। ଏକ ତାଲିକାଭୁକ୍ତ କମ୍ପାନୀ ଭାବେ ଆମେ ଡିଜିଟାଲ୍ ନବସୃଜନର ନୂତନ ଦିଗକୁ ଆଗେଇ ନେବା, ବୈଶ୍ୱିକ ଉପସ୍ଥିତିକୁ ସୁଦୃଢ଼ କରିବା ଏବଂ ସମସ୍ତ ଅଂଶୀଦାରଙ୍କ ପାଇଁ ଦୀର୍ଘମିଆଦୀ ସ୍ଥାୟୀ ମୂଲ୍ୟ ସୃଷ୍ଟି କରିବାରେ ନିରନ୍ତର ପ୍ରତିବଦ୍ଧ ରହିବୁ। ସେହି ସହିତ, ଯେଉଁ ମୂଲ୍ୟବୋଧ ଆମକୁ ଏଠାକୁ ପହଞ୍ଚାଇଛି, ସେଗୁଡ଼ିକୁ ଆମେ ସର୍ବଦା ଅକ୍ଷୁଣ୍ଣ ରଖିବୁ।' ଭୁବନେଶ୍ୱରରୁ ଯାତ୍ରା ଆରମ୍ଭ କରିଥିବା ସିଏସଏମ୍ ଟେକ୍ନୋଲୋଜିଜ୍ ଆଜି ୧୪ଟି ଦେଶର ୨୦ଟି ସହରରେ କାର୍ଯ୍ୟରତ ଏକ ବୈଶ୍ୱିକ ଗଭଟେକ୍ ଉଦ୍ୟୋଗରେ ପରିଣତ ହୋଇଛି। କମ୍ପାନୀ ଡିଜିଟାଲ୍ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍ଚର (DPI), କୃତ୍ରିମ




ବୁଦ୍ଧିମତ୍ତା (AI), ଡାଟା ଆନାଲିଟିକ୍ସ, କ୍ଲାଉଡ୍, ସାଇବର ସୁରକ୍ଷା, ଏଓଟି, ସ୍ମାର୍ଟ ଗଭର୍ନାନ୍ସ, ମାଇନିଂଟେକ୍, ଆଗ୍ରିଟେକ୍ ଏବଂ ନାଗରିକ ସେବା ଭଳି ଅତ୍ୟାଧୁନିକ ପ୍ରଯୁକ୍ତି ମାଧ୍ୟମରେ ସରକାର ଓ ବିଭିନ୍ନ ଉଦ୍ୟୋଗର ଡିଜିଟାଲ୍ ରୂପାନ୍ତରଣକୁ ଆଗେଇ ନେଉଛି। ଏହି ତାଲିକାଭୁକ୍ତିକୁ କେବଳ ସିଏସଏମ୍ ପାଇଁ ନୁହେଁ, ବରଂ ଓଡ଼ିଶାର ଉଦୀୟମାନ ପ୍ରଯୁକ୍ତି ପରିବେଶ ପାଇଁ ମଧ ଏକ ଯୁଗାନ୍ତକାରୀ ଘଟଣା ଭାବେ ଦେଖାଯାଉଛି। ଏହା ରାଜ୍ୟରୁ ବିଶ୍ୱସ୍ତରୀୟ ପ୍ରଯୁକ୍ତି ଉଦ୍ୟୋଗ ଗଢ଼ିବା ପାଇଁ ନୂତନ ପିଢ଼ିର ଉଦ୍ୟୋଗୀମାନଙ୍କୁ ପ୍ରେରଣା ଯୋଗାଇବ। ଏହି ତାଲିକାଭୁକ୍ତି ଭୁବନେଶ୍ୱରକୁ ଭାରତର ଏକ ଉଦୀୟମାନ ପ୍ରଯୁକ୍ତି କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବାରେ ମଧ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ଶିଳ୍ପ ବିଶେଷଜ୍ଞମାନଙ୍କ ମତରେ, ସିଏସଏମ୍ର ଏକ ସାର୍ବଜନୀନ ତାଲିକାଭୁକ୍ତ କମ୍ପାନୀରେ ପରିଣତ ହେବା ଓଡ଼ିଶାର ଷ୍ଟାର୍ଟଅପ୍ ଏବଂ ପ୍ରଯୁକ୍ତି ପରିବେଶ ପ୍ରତି ନିବେଶକଙ୍କ ଆଗ୍ରହକୁ ବୃଦ୍ଧି କରିବା ସହ ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ବିଶ୍ୱସ୍ତରୀୟ କମ୍ପାନୀ ଗଢ଼ିବାକୁ ପ୍ରେରିତ କରିବ। କମ୍ପାନୀର ଓଟଙ୍ଗ ବିଭିନ୍ନ ବର୍ଗର ନିବେଶକଙ୍କଠାରୁ ଉତ୍ସାହଜନକ ସମର୍ଥନ ପାଇଥିଲା, ଯାହା ସିଏସଏମ୍ର ବ୍ୟବସାୟିକ ମଡେଲ୍ ଏବଂ ଦୀର୍ଘମିଆଦୀ ଅଭିବୃଦ୍ଧି ସମ୍ଭାବନା ପ୍ରତି ନିବେଶକଙ୍କ ବିଶ୍ୱାସକୁ ପ୍ରତିଫଳିତ କରେ।

ନୂତନ ଶେୟାର ଇସ୍ୟୁରୁ ମିଳିଥିବା ପାଣ୍ଠିକୁ ମୁଖ୍ୟତଃ କାର୍ଯ୍ୟକାରୀ ପୁଞ୍ଜିର ଆବଶ୍ୟକତା, ଋଣ ପରିଶୋଧ ଏବଂ ରଣନୀତିଗତ ଅଜୈବିକ (Inorganic) ଅଭିବୃଦ୍ଧି ସୁଯୋଗ ପାଇଁ ବ୍ୟବହାର କରାଯିବ। ଏହା କମ୍ପାନୀକୁ ନିଜର ପ୍ରଯୁକ୍ତିଗତ କ୍ଷମତା ଓ ବୈଶ୍ୱିକ ଉପସ୍ଥିତିକୁ ଆହୁରି ସମ୍ପ୍ରସାରିତ କରିବାରେ ସହାୟକ ହେବ। ବର୍ଷ ବର୍ଷ ଧରି ସିଏସଏମ୍ ଟେକ୍ନୋଲୋଜିଜ୍ ଖଣି, କୃଷି, କର ବ୍ୟବସ୍ଥା, ପରିବହନ, ସ୍ୱାସ୍ଥ୍ୟସେବା, ଶିକ୍ଷା, ସରକାରୀ ଅର୍ଥ ବ୍ୟବସ୍ଥାପନା, ଭୂମି ପ୍ରଶାସନ, ୟୁଟିଲିଟି ଏବଂ ନାଗରିକ ସେବା ସମେତ ବିଭିନ୍ନ କ୍ଷେତ୍ରରେ ମିଶନ୍-କ୍ରିଟିକାଲ୍ ଡିଜିଟାଲ୍ ପ୍ଲାଟଫର୍ମ ପ୍ରଦାନ କରି ଏକ ଅଗ୍ରଣୀ ଗଭଟେକ୍ ସମାଧାନ ପ୍ରଦାନକାରୀ ସଂସ୍ଥା ଭାବେ ନିଜକୁ ପ୍ରତିଷ୍ଠିତ କରିଛି। କମ୍ପାନୀ କୃତ୍ରିମ ବୁଦ୍ଧିମତ୍ତା (AI), ଡାଟା ଆନାଲିଟିକ୍ସ, ବ୍ଲକଚେନ୍, ଓକ୍ଟଞ୍ଚ ଏବଂ କ୍ଲାଉଡ୍ କମ୍ପ୍ୟୁଟିଂ ଭଳି ଉଦୀୟମାନ ପ୍ରଯୁକ୍ତିର ସଦୁପଯୋଗ କରି ସରକାରମାନଙ୍କୁ ଅଧିକ ଦକ୍ଷ, ସ୍ୱଚ୍ଛ ଏବଂ ନାଗରିକ-କେନ୍ଦ୍ରିକ କରିବାରେ ନିରନ୍ତର ସହଯୋଗ କରିଆସୁଛି। ସିଏସଏମ୍ ଟେକ୍ନୋଲୋଜିଜ୍ ଲିମିଟେଡ୍ ସମ୍ପର୍କରେ ସିଏସଏମ୍ ଟେକ୍ନୋଲୋଜିଜ୍ ଲିମିଟେଡ୍ ହେଉଛି ଏକ ବହୁରାଷ୍ଟ୍ରୀୟ ଗଭଟେକ୍ କମ୍ପାନୀ, ଯାହା ସରକାର ଓ ବିଭିନ୍ନ ଉଦ୍ୟୋଗର ପ୍ରଯୁକ୍ତିନିର୍ଭର ରୂପାନ୍ତରଣରେ ବିଶେଷଜ୍ଞତା ହାସଲ କରିଛି। ଭାରତର ଭୁବନେଶ୍ୱରରେ ମୁଖ୍ୟାଳୟ ଥିବା ଏହି କମ୍ପାନୀ ୧୪ଟି ଦେଶର ୨୦ଟି ସହରରେ କାର୍ଯ୍ୟ କରୁଛି ଏବଂ DPI, ଇ-ଗଭର୍ନାନ୍ସ, ଇଓ ଓ ଆନାଲିଟିକ୍ସ, କ୍ଲାଉଡ୍, ସାଇବର ସୁରକ୍ଷା, GIS, ସ୍ମାର୍ଟ ସିଟି, ଖଣି, କୃଷି, ସରକାରୀ ଅର୍ଥ ବ୍ୟବସ୍ଥାପନା, ୟୁଟିଲିଟି ଏବଂ ଏଣ୍ଟରପ୍ରାଇଜ୍ ଡିଜିଟାଲ୍ ରୂପାନ୍ତରଣ କ୍ଷେତ୍ରରେ ଅଭିନବ ସମାଧାନ ପ୍ରଦାନ କରୁଛି। ନବସୃଜନ, ସ୍ଥାୟୀ ବିକାଶ ଏବଂ ନାଗରିକ-କେନ୍ଦ୍ରିକ ପ୍ରଯୁକ୍ତି ପ୍ରତି ଦୃଢ଼ ପ୍ରତିବଦ୍ଧତା ସହିତ ସିଏସଏମ୍ ଟେକ୍ନୋଲୋଜିଜ୍ ସରକାର ଓ ବିଭିନ୍ନ ଉଦ୍ୟୋଗକୁ ଅଧିକ ସ୍ମାର୍ଟ, ଦକ୍ଷ ଏବଂ ଡିଜିଟାଲ୍ ଭାବେ ସଶକ୍ତ ପରିବେଶ ଗଢ଼ିବାରେ ସହାୟତା କରୁଛି।

# ମୌସୁମୀ ଋତୁରେ ଦୃଢ଼, କ୍ଷୟ ପ୍ରତିରୋଧୀ ଭିତିଭୂମି ଉପରେ ଗୁରୁତ୍ୱାରୋପ

**ଭୁବନେଶ୍ୱର, ୫।୭ (ନି.ପ୍ର) :** ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବଳ ବର୍ଷା, ଅଧିକ ଆର୍ଦ୍ରତା ଏବଂ ଲବଣ-ଯୁକ୍ତ ବାୟୁ ସହିତ ଭାରତର ଉପକୂଳରେ ପ୍ରବେଶ କରିଥିବାରୁ ଉପକୂଳବର୍ତ୍ତୀ ଅଂଚଳରେ ସାର୍ବଜନୀନ ସମ୍ପତିଗୁଡିକର ଡିଜାଇନ ଓ ସୁରକ୍ଷା ବିଷୟରେ ପୁନଃବିଚାର କରିବା ପାଇଁ ଭିତିଭୂମି ବିଶେଷଜ୍ଞମାନେ ଆହ୍ୱାନ ଦେଇଛନ୍ତି। ଆନ୍ତର୍ଜାତୀୟ ଜିଙ୍କ୍ ଆସୋସିଏସନ୍ (ଭାରତ)ର ନିର୍ଦ୍ଦେଶକ ଡକ୍ଟର ରାହୁଲ ଶର୍ମାଙ୍କ ଅନୁଯାୟୀ, ଭାରତର ଉପକୂଳବର୍ତ୍ତୀ ଭିତିଭୂମି ଆଭ୍ୟନ୍ତରୀଣ ଭିତିଭୂମି ତୁଳନାରେ ବହୁତ ଅଧିକ ଭୟଙ୍କର ପରିବେଶଗତ ଚାପରେ ରହିଛି ଏବଂ ଏହାମଧ୍ୟରୁ ଅଧିକାଂଶକୁ ଏବେ ବି ଏକ ସମାନ ଢଙ୍ଗରେ ରକ୍ଷଣାବେକ୍ଷଣ କରାଯାଉଛି। ସେ କହିଛନ୍ତି "ପ୍ରତ୍ୟେକ ମୌସୁମୀ ଆମକୁ ମନେ ପକାଇ ଦିଏ ଯେ ଭିତିଭୂମିକୁ କେବଳ ଏହା ବହନ କରୁଥିବା ଭାର ପାଇଁ ନୁହେଁ, ବରଂ ଏହା ଯେଉଁ ପରିବେଶରେ କାର୍ଯ୍ୟ କରେ ତାହା ପାଇଁ ମଧ ଡିଜାଇନ୍ କରାଯିବା ଉଚିତ"। ଭାରତର ୭,୫୦୦ କିଲୋମିଟର ଉପକୂଳ ରାଜପଥ, ରେଳ ବ୍ୟବସ୍ଥା, ବନ୍ଦର, ସେତୁ, ବିମାନବନ୍ଦର, ବିଦ୍ୟୁତ୍ ଭିତିଭୂମି ଏବଂ ସାର୍ବଜନୀନ କୋଠାଗୁଡ଼ିକରେ ପରିବ୍ୟାପ୍ତ ରହିଛି ଯାହା ଦୀର୍ଘକାଳୀନ ଆର୍ଦ୍ରତା, ଉଚ୍ଚ ଆର୍ଦ୍ରତା ଏବଂ କ୍ଲୋରାଇଡ୍ ?-ସମୃଦ୍ଧ ସାମୁଦ୍ରିକ ବାୟୁ ସ୍ଥିତିର ସମ୍ମୁଖୀନ ହୁଏ ଯାହା ଇସ୍ପାତ ଓ




ମଜବୁତ କଂକ୍ରିଟ୍ ?ରେ ଅବନତି ଘଟାଇଥାଏ।

ଭାରତୀୟ ବନ୍ଦର, ଉପକୂଳ ରାଜପଥ, ମାଲ ପରିବହନ ଲାଇନ, ଶିଳ୍ପ କରିଡର, ମେଟ୍ରୋ ରେଳ, ବିମାନବନ୍ଦର ଏବଂ ଲଜିଷ୍ଟିକ୍ସ ସୁବିଧାରେ ବିସ୍ତାରିତ ନିବେଶ ସହିତ, ସ୍ଥାୟୀତ୍ୱ ଦ୍ୱିତୀୟ କାରକ ପରିବର୍ତ୍ତେ ମୁଖ୍ୟ ଡିଜାଇନ୍ ଚିନ୍ତା ହେବା ଉଚିତ ବୋଲି ବିଶେଷଜ୍ଞମାନେ କହିଛନ୍ତି। ବ୍ୟାପକ ପରିବେଶଗତ ପାର୍ଥକ୍ୟ ସତ୍ତ୍ୱେ, ଭାରତର ଅଧିକାଂଶ ଅଂଚଳରେ ସାଧାରଣ ଭିତିଭୂମି ବୈଶିଷ୍ଟ୍ୟତା ଅନୁସରଣ କରେ; ଅଧିକାଂଶ ସ୍ଥାନରେ, ଭିତିଭୂମି ପ୍ରାୟତଃ ସମାନ। କିନ୍ତୁ ଅନ୍ୟାନ୍ୟ ବିକଶିତ ଦେଶରେ କ୍ଷୟକାରୀ ପରିବେଶ ଅନୁସାରେ ଭିତିଭୂମିର ବର୍ଗୀକରଣ କରାଯାଇଥାଏ। କ୍ଷୟ ପ୍ରତିବର୍ଷ ବିଶ୍ୱର ଜିଡିପିର ପ୍ରାୟ ୩-୪% ଅର୍ଥନୀତିକୁ ବ୍ୟୟ କରିଥାଏ ଏବଂ ଭାରତ ଏହାର ଦୀର୍ଘ ଉପକୂଳ, ଉଷ୍ଣକଟିବନ୍ଧୀୟ ଜଳବାୟୁ ଏବଂ ବର୍ଦ୍ଧିତ ଭିତିଭୂମି ଯୋଗୁଁ ଆହୁରି ଅଧିକ ଚାପରେ ରହିଛି। ବିଶେଷଜ୍ଞଙ୍କ ମତରେ, ସାମଗ୍ରୀର ଉତମ ଚୟନ ଏବଂ ଉଚ୍ଚ ନିର୍ମାଣ ଗୁଣବତା ଓ ସକ୍ରିୟ କ୍ଷୟ ନିୟନ୍ତ୍ରଣ ମାଧ୍ୟମରେ ଅଧିକାଂଶ କ୍ଷତିକୁ ରୋକାଯାଇପାରିବ। ଡକ୍ଟର ଶର୍ମା କହିଛନ୍ତି, ଭିତିଭୂମି ଯୋଜନା ମୁଖ୍ୟତଃ ନିର୍ମାଣ ଖର୍ଚ୍ଚ ଉପରେ ଆଧାରିତ ହେବା ପରିବର୍ତ୍ତେ ଜୀବନଚକ୍ର କାର୍ଯ୍ୟଦକ୍ଷତା ଏବଂ ସ୍ଥାୟୀତ୍ୱ, ରକ୍ଷଣାବେକ୍ଷଣ ଓ ଦୀର୍ଘକାଳୀନ ମୂଲ୍ୟ ଉପରେ ଧ୍ୟାନ ଦେବା ଉଚିତ। ସାଗରମାଳା ଭଳି ଉପକୂଳୀୟ ଭିତିଭୂମି ପ୍ରକଳ୍ପ ସହିତ, ଜଳବାୟୁ ପରିସ୍ଥିତି ପାଇଁ ଭିତିଭୂମିର ଅନୁକୂଳନ ନିର୍ମାଣ ଅଭ୍ୟାସର ମୂଳଦୁଆ ହେବା ଉଚିତ। ବିଶେଷଜ୍ଞମାନେ ଉପକୂଳ ଭିତିଭୂମିରେ ମାନକ-ନିର୍ଦ୍ଧାରଣ ସଂସ୍ଥା ଏବଂ ଭିତିଭୂମି ମନ୍ତ୍ରଣାଳୟଗୁଡ଼ିକୁ ଏକ୍ସପୋଜର-ଆଧାରିତ କ୍ଷୟ ମାନଦଣ୍ଡ ସ୍ଥିର କରିବା ଏବଂ ସମସ୍ୟାର ସମାଧାନ ପାଇଁ ଅନ୍ୟ ଦେଶର ମାନଦଣ୍ଡ ଅନୁସରଣ କରିବାକୁ ପରାମର୍ଶ ଦେଇଛନ୍ତି।

# ଏଲ୍‌ପିଏଲ୍ ଉଦଘାଟନୀ ସମାରୋହରେ ୫୦୦ ଡ୍ରୋନ୍‌ର ସୋ' ପ୍ରଦର୍ଶିତ ହେବ

**ଭୁବନେଶ୍ୱର, ୫।୭ (ନି.ପ୍ର) :** ଆଇପିଜି ଗ୍ରୁପ୍ ପକ୍ଷରୁ ଦି ଲଙ୍କା ପ୍ରିମିୟର ଲିଗ୍ (ଏଲ୍‌ପିଏଲ୍) ୨୦୨୬ର କଲମ୍ବୋ ସ୍ଥିତ ଏସ୍ଏସ୍‌ସି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବାକୁ ଥିବା ଉଦ୍‌ଘାଟନୀ ସମାରୋହରେ ୫୦୦ ଡ୍ରୋନ୍‌କୁ ନେଇ ଏକ ଆକର୍ଷଣୀୟ ସୋ ଆୟୋଜନ କରିବା ଯୋଜନା ରହିଛି। ଏଲ୍‌ପିଏଲ୍ ୨୦୨୬ର ଟିକଟ୍ ବୁକ୍-ମାଇଁ-ସୋ ମାଧ୍ୟମରେ ଜୁଲାଇ ୧ରୁ ଉପଲବ୍ଧ ହେବ। କ୍ରିକେଟ ପ୍ରଶଂସକମାନଙ୍କୁ ଶୀଘ୍ର ଟିକଟ ହାସଲ କରିବା ଓ ରଙ୍ଗାରଙ୍ଗ ଉଦଘାଟନୀ ସମାରୋହରେ ଭାଗ ନେବା ପାଇଁ ଆମନ୍ତ୍ରଣ କରାଯାଉଛି।

ଏହି ଉଦଘାଟନୀ ସମାରୋହ ସହିତ ଶ୍ରୀଲଙ୍କାର ସବୁଠୁ ପସନ୍ଦ କରାଯାଉଥିବା କ୍ରିକେଟ୍ କାର୍ଯ୍ୟକ୍ରମ ଦି' ଲଙ୍କା ପ୍ରିମିୟର ଲିଗ୍‌ର ଷଷ୍ଠ ସଂସ୍କରଣର ଶୁଭାରମ୍ଭ ହେବ ଯେଉଁଥିରେ କ୍ରିକେଟ ପ୍ରଶଂସକ, ପରିବାର, ଫ୍ରାଂଚାଇଜି ସହାୟକ, ମନୋରଂଜନକାରୀ ଦର୍ଶକ ଓ ଡିଜିଟାଲ ଦର୍ଶକମାନେ ଭାଗ ନେବେ।

ଉଦଘାଟନୀ ସମାରୋହରେ ୫୦୦ ଡ୍ରୋନ୍‌କୁ ନେଇ ଆକାଶକୁ ଆଲୋକିତ କରାଯିବ ଏବଂ ଶ୍ରୀଲଙ୍କା କ୍ରିକେଟକୁ ପାଳନ କରିବା ପାଇଁ ବିଭିନ୍ନ ସୋ' ପ୍ରଦର୍ଶିତ ହେବ। ଟି-୨୦ କ୍ରିକେଟ୍‌ର ଶକ୍ତି ଓ ଏକ ଆଂଚଳିକ କ୍ରୀଡ଼ା ଓ ମନୋରଂଜନ ସଂପତି ଭାବେ ଏଲ୍‌ପିଏଲ୍‌ର ବଢ଼ୁଥିବା ପ୍ରଭାବକୁ ଏଥିରେ ପାଳନ କରାଯିବ।




ଉଚ୍ଚ ମାନର କ୍ରିକେଟ୍ ସହିତ ଷ୍ଟାଡିୟମ୍‌ରେ ମନୋରଂଜନ, ପ୍ରସାରଣ ଓ କାର୍ଯ୍ୟକ୍ରମ ଆୟୋଜନ ମାନ ଆଦି ଜରିଆରେ ପ୍ରଶଂସକମାନଙ୍କୁ ସାମଗ୍ରିକ ଅନୁଭୂତି ପ୍ରଦାନ କରିବା ପାଇଁ ଆଇପିଜି ଗ୍ରୁପ୍‌ର ରହିଥିବା ପ୍ରତିବଦ୍ଧତାକୁ ଏହା ପ୍ରତିଫଳିତ କରୁଛି।

ଏଲ୍‌ପିଏଲ୍ ଉଦଘାଟନୀ ସମାରୋହ ପାଇଁ ରହିଥିବା ଯୋଜନା ସମ୍ପର୍କରେ ଆଲୋଚନା କରି ଆଇପିଜିର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଅନିଲ ମୋହନ କହିଛନ୍ତି ଯେ, 'ଲଙ୍କା ପ୍ରିମିୟମ ଲିଗ୍ କେବଳ କ୍ରିକେଟ୍‌ର ବିଷୟ ନୁହେଁ। ଏହା ହେଉଛି ସ୍ମରଣୀୟ ଅନୁଭୂତି ସୃଷ୍ଟି କରିବାର ବିଷୟ। ଚଳିତ ବର୍ଷ ଆମେ ଏଲ୍‌ପିଏଲ୍ ୨୦୨୬କୁ ଏକ ଚିତାକର୍ଷକ ଢଙ୍ଗରେ ଆରମ୍ଭ କରିବାକୁ ଚାହୁଁଛୁ ଯାହା ଏହି ଟୁର୍ଣ୍ଣାମେଂଟ୍‌ର ଶକ୍ତି, ଅଭିଳାଷ ଓ ଅଭିବୃଦ୍ଧିକୁ ପ୍ରତିଫଳିତ କରିବ। ୫୦୦ ଡ୍ରୋନ୍ ସୋ' ଶ୍ରୀଲଙ୍କାକୁ ବିଶ୍ୱସ୍ତରୀୟ କ୍ରିଡ଼ା କାର୍ଯ୍ୟକ୍ରମର ଅନୁଭବ ଆଣିବେ ଏବଂ ପ୍ରଶଂସକମାନଙ୍କୁ ଏହି ଉଦଘାଟନୀ ରାତ୍ରୀର ଏକ ଅଂଶ ହେବାର ଶକ୍ତିଶାଳୀ କାରଣ ପ୍ରଦାନ କରିବ।'

ଉଭୟ ପାରମ୍ପରିକ କ୍ରିକେଟ୍ ଦର୍ଶକ ଓ ବ୍ୟାପକ ମନୋରଂଜନକୁ ପସନ୍ଦ କରୁଥିବା ଜନ ସାଧାରଣଙ୍କ ପାଇଁ ଉଦଘାଟନୀ ସମାରୋହକୁ ପ୍ରସ୍ତୁତ କରାଯାଇଛି ବୋଲି ସେ କହିଛନ୍ତି।

ଶ୍ରୀ ମୋହନ କହିଛନ୍ତି ଯେ, 'ଏଲ୍‌ପିଏଲ୍‌ର ଉଦ୍‌ଘାଟନୀ ସମାରୋହକୁ ଏକ ନିଶ୍ଚିତ ମନୋରଂଜନ ଧର୍ମି କାର୍ଯ୍ୟକ୍ରମରେ ପରିଣତ କରିବା ହେଉଛି ଆମର ଲକ୍ଷ୍ୟ। ଆମେ ଚାହୁଁଛୁ ପରିବାର, ଯୁବ ପ୍ରଶଂସକ ଓ କ୍ରିକେଟ ପ୍ରେମୀମାନେ ଷ୍ଟାଡିୟମକୁ ଆସନ୍ତୁ, ପରିବେଶକୁ ଉପଭୋଗ କରନ୍ତୁ ଓ ଏକ ନୂଆ ଓ ଆକର୍ଷଣୀୟ ଢଙ୍ଗରେ ଶ୍ରୀଲଙ୍କା କ୍ରିକେଟ୍‌କୁ ପାଳନ କରୁଥିବା ଏକ ରାତ୍ରୀର ଅଂଶ ହୁଅନ୍ତୁ।'

ଲଙ୍କା ପ୍ରିମିୟର ଲିଗ୍‌ର ନିର୍ଦ୍ଦେଶକ ସମନ୍ତା ଡୋନାନୱେଲା କହିଛନ୍ତି ଯେ, 'ଏସ୍ଏସ୍‌ସି କଲମ୍ବୋରେ ପ୍ରଥମ ଏଲ୍‌ପିଏଲ୍ ମ୍ୟାଚ୍ ଟୁର୍ଣ୍ଣାମେଂଟ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଅଟେ ଏବଂ ୫୦୦ ଡ୍ରୋନକୁ ନେଇ ଆୟୋଜିତ ହେବାକୁ ଥିବା ସୋ ଯୋଜନା ଏହି ଉଦଘାଟନୀ ରାତ୍ରୀକୁ ପ୍ରଶଂସକମାନଙ୍କ ପାଇଁ ଆହୁରି ସ୍ମରଣୀୟ କରିବ। ଉଭୟ କ୍ରିକେଟ ଓ ମନୋରଂଜନ ପ୍ଲାଟଫର୍ମ ଭାବେ ଏଲ୍‌ପିଏଲ୍‌ର ବିକାଶ ଜାରି ରହିବ ଏବଂ ଏଭଳି ଅନୁଭୂତି ଅଧିକ ଲୋକଙ୍କୁ ଖେଳର ନିକଟତର କରିବ। ଏହି ଉଦଘାଟନୀ ସମାରୋହର ଅଂଶ ହେବା ଓ ସମର୍ଥନ ଜଣାଇବା ପାଇଁ ଆମେ କ୍ରିକେଟ ପ୍ରେମୀ, ପରିବାର ଓ ଯୁବ ପ୍ରଶଂସକଙ୍କୁ ଉତ୍ସାହିତ କରୁଛୁ ଯାହା ଏଲ୍‌ପିଏଲ୍ ୨୦୨୬ର ପାଇଁ ଆକର୍ଷଣୀୟ ଶୁଭାରମ୍ଭ ହେବ।'

# ଗଞ୍ଜାମ, ଗଜପତି ଏବଂ ରାୟଗଡ଼ାରେ ଟ୍ରାଇର ନେଟୱାର୍କ ପରୀକ୍ଷଣରେ ୧୮୬ ଏମବିପିଏସ ଡାଉନଲୋଡ୍ ସ୍ପିଡ୍ ସହିତ ଜିଓ ଶୀର୍ଷରେ

**ଭୁବନେଶ୍ୱର, ୫।୭ (ନି.ପ୍ର) :** ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ସ୍ୱାଧୀନ ଡ୍ରାଇଭ୍ ଟେଷ୍ଟ (ଆଇଡ଼ିଟି) ଫଳାଫଳ ଅନୁଯାୟୀ ଓଡ଼ିଶାର ଅଗ୍ରଣୀ ଡିଜିଟାଲ୍ ସେବା ପ୍ରଦାନକାରୀ ରିଲାଏନ୍ସ ଜିଓ ପୁଣି ଥରେ ଏହାର ନେଟୱାର୍କ ପ୍ରାଧାନ୍ୟ ପ୍ରମାଣିତ କରିଛି। ଗାମ, ଗଜପତି ଏବଂ ରାୟଗଡ଼ା ଜିଲ୍ଲାରେ ହୋଇଥିବା ଏହି ପରୀକ୍ଷଣରେ ଜିଓ ପ୍ରାୟ ୯୮ ପ୍ରତିଶତର ସର୍ବାଧିକ ନେଟୱାର୍କ ଉପଲବ୍ଧତା ଏବଂ ସର୍ବାଧିକ ୧୮୬.୦୭ ଏମବିପିଏସ ହାରାହାରି ଡାଟା ଡାଉନଲୋଡ୍ ସ୍ପିଡ୍ ରେକର୍ଡ କରିଛି। ଜିଓର ହାରାହାରି ଡାଉନଲୋଡ୍ ସ୍ପିଡ୍ ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ତୁଳନାରେ ଦୁଇଗୁଣରୁ ଅଧିକ ରହିଛି।

ସ୍ୱାଧୀନ ଡ୍ରାଇଭ୍ ଟେଷ୍ଟ (ଆଇଡ଼ିଟି) ର ଅଂଶ ସ୍ୱରୂପ, ଟ୍ରାଇ ଏହି ତିନୋଟି ଜିଲ୍ଲାରେ ୨୩ ଏପ୍ରିଲରୁ ୨୫ ଏପ୍ରିଲ ୨୦୨୬ ଯାଏଁ ମୋଟ ୪୪୬ କିଲୋମିଟର ସହର ଡ୍ରାଇଭରେ ନେଟୱାର୍କ ପରୀକ୍ଷା କରିଥିଲା। ଟ୍ରାଇ ଜନବହୁଳ ଅଞ୍ଚଳରେ ଉପଭୋକ୍ତା ଅଭିଜ୍ଞତାକୁ ପ୍ରତିଫଳିତ କରିବା ପାଇଁ ଗାମ ରେଳ ଷ୍ଟେସନ, ଗୋପାଳପୁର ବେଲାଭୂମି, ଗୁଣୁପୁର ବସ୍‌ଷ୍ଟାଣ୍ଡ, ପାରଲାଖେମୁଣ୍ଡି ବସ୍‌ଷ୍ଟାଣ୍ଡ ଏବଂ ମାର୍କେଟ୍‌ଷ୍ଟ୍ରିଟ୍, ମୋହନା ବଜାର, ରାୟଗଡା ବଜାର ଏବଂ ଆର ଉଦୟଗିରି ବଜାର ସମେତ ତିନୋଟି ଜିଲ୍ଲାର ଆଠଟି ବ୍ୟସ୍ତବହୁଳ ହଟସ୍ପଟ୍‌ରେ ବାସ୍ତବ ପରିସ୍ଥିତିରେ ମୂଲ୍ୟାଙ୍କନ କରିଥିଲା। ଟ୍ରାଇ ତଥ୍ୟ ଅନୁସାରେ, ଏହି ପରୀକ୍ଷଣରେ ରିଲାଏନ୍ସ ଜିଓ ସର୍ବାଧିକ ୧୮୬.୦୭ ଏମବିପିଏସ ହାରାହାରି ଡାଉନଲୋଡ୍ ସ୍ପିଡ୍ ରେକର୍ଡ କରିଥିବା ବେଳେ ଏହା ପଛକୁ ଏୟାରଟେଲ୍ ୮୧.୭୪ ଏମବିପିଏସ, ଭୋଡାଫୋନ ଆଇଡ଼ିଆ ୧୭.୯୧ ଏମବିପିଏସ ଏବଂ ବିଏସଏନଏଲ ୬.୭୧ ଏମବିପିଏସ ହାରାହାରି ଡାଉନଲୋଡ୍ ସ୍ପିଡ୍ ରେକର୍ଡ କରିଥିଲା।



ସେହିଭଳି ହାରାହାରି ଅପଲୋଡ୍ ସ୍ପିଡରେ ଜିଓ ୧୩.୪୬ ଏମବିପିଏସର ଦୃଢ଼ ସ୍ପିଡ୍ ବଜାୟ ରଖିଥିଲା। ଆଉ ଏକ ପ୍ରମୁଖ ନେଟୱାର୍କ କାର୍ଯ୍ୟଦକ୍ଷତା ସୂଚକରେ ଅନ୍ୟ ସମସ୍ତ ସେବା ପ୍ରଦାନକାରୀଙ୍କୁ ପଛରେ ପକାଇ ଜିଓ ଉଲ୍ଲେଖନୀୟ ପ୍ରଦର୍ଶନ କରିପ୍ରାୟ ୯୮ ପ୍ରତିଶତ ନେଟୱାର୍କ ଉପଲବ୍ଧତା ରେକର୍ଡ କରିଛି। ଟ୍ରାଇ ଦ୍ୱାରା ପ୍ରକାଶିତ ଆଇଡ଼ିଟି ଫଳାଫଳ ଅନୁଯାୟୀ, ପରୀକ୍ଷଣ ସମୟରେ ସଂଗୃହିତ ମୋଟ ନମୁନା ଉପରେ ଆଧାରରେ ଜିଓ ପ୍ରାୟ ୯୮ ପ୍ରତିଶତ ସେବା ଉପଲବ୍ଧତା ରେକର୍ଡ କରିଥିବା ବେଳେ ଏହା ପଛକୁ ବିଏସଏନଏଲ ୮୬.୪୪ ପ୍ରତିଶତ, ଏୟାରଟେଲ ୮୧.୩୯ ପ୍ରତିଶତ ଏବଂ ଭୋଡାଫୋନ ଆଇଡ଼ିଆ ୨୩.୩ ପ୍ରତିଶତ ସେବା ଉପଲବ୍ଧତା ରେକର୍ଡ କରିଛି।

# ସୋନି ଇଣ୍ଡିଆ ପକ୍ଷରୁ ନୂଆ ଆଲ୍‌ଫା ୭ଆର୍ ଭିଆଇ ଉନ୍ମୋଚିତ

**ଭୁବନେଶ୍ୱର, ୫।୭ (ନି.ପ୍ର) :** ସୋନି ଇଣ୍ଡିଆ ପକ୍ଷରୁ ଆଲ୍‌ଫା ୭ଆର୍ ଭିଆଇ ଉନ୍ମୋଚନ କରାଯାଇଛି। ଏଥିରେ ରହିଛି ୬୬.୮ ମେଗାପିକ୍‌ସେଲ୍‌ର ଏକ୍ସମୋର ଆର୍‌ଏସ୍ ସିଏମ୍‌ଓଏସ୍ ସେନ୍‌ସର ସହିତ ସୋନିର ବିଓ ଏକ୍ସଆର୍ ୨ ଇମେଜ୍ ପ୍ରୋସେସିଂ ଇଞ୍ଜିନ ଯାହା ଉତ୍କୃଷ୍ଟ ରିଜଲ୍ୟୁସନ, ଏଆଇ ଆଧରିତ ବିଷୟବସ୍ତୁ ଚିହ୍ନଟ ଏବଂ ପେସାଦାର ଫଟୋଗ୍ରାଫର ଓ ସିନେମା ନିର୍ମାତାମାନଙ୍କ ପାଇଁ ଉଚ୍ଚ ପ୍ରଦର୍ଶନ ପ୍ରଦାନ କରିବ।

ସୋନି ପକ୍ଷରୁ ଏକ୍ସଏଲଆର୍-ଏ୪ ଏକ୍ସଏଲଆର୍ ଆଡାପ୍ଟରକୁ ଉପସ୍ଥାପନ କରାଯାଇଛି ଯାହା ପ୍ରଫେସନାଲ ପ୍ରଡକ୍ସନ ପାଇଁ ଅନ୍-କ୍ୟାମେରା ଅଡିଓ ଦକ୍ଷତା ପ୍ରଦାନ କରିବ।

ସୋନି ଇଣ୍ଡିଆର ଇମେଜିଂ ଓ ପ୍ରଫେସନାଲ୍ ସଲ୍ୟୁସନ ବିଜନେସ୍ ମୁଖ୍ୟ ମୁକେଶ ଶ୍ରୀବାସ୍ତବ କହିଛନ୍ତି ଯେ, 'ଆଲ୍‌ଫା ୭ଆର୍ ଭିଆଇ ଇମେଜିଂ ନବସୃଜନ ପ୍ରତି ସୋନିର ପ୍ରତିବଦ୍ଧତାର ପରବର୍ତ୍ତୀ ପର୍ଯ୍ୟାୟକୁ ଉପସ୍ଥାପନ କରୁଛି ଯାହା ଉଲ୍ଲେଖନୀୟ ରିଜଲ୍ୟୁସନ, ଏଆଇ ଆଧାରିତ ବୁଦ୍ଧିମତା ଓ ପ୍ରଫେସନାଲ ମାନର ପ୍ରଦର୍ଶନକୁ ଆମର ସବୁଠୁ ଅତ୍ୟାଧୁନିକ ଆଲ୍‌ଫା ଆର୍ ସିରିଜ୍ କ୍ୟାମେରାରେ ଏକାଠି କରିଛି। ସାଲିସବିହୀନ ଇମେଜ ମାନ ଓ ସ୍ପିଡ୍ ଚାହୁଁଥିବା କ୍ରିଏଟରମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିବା ଏହି କ୍ୟାମେରା ଫଟୋଗ୍ରାଫର ଓ ସିନେମା ନିର୍ମାତାମାନଙ୍କୁ ପ୍ରତିଟି ମୁହୂର୍ତ୍ତକୁ ଅସାଧାରଣ ସୂକ୍ଷ୍ମତା ଓ ସୃଜନଶୀଳ ସ୍ୱାଧୀନତା ସହ ତୋଳି ଧରିବାକୁ ଶସକ୍ତ କରିବ।'

ଆଲ୍‌ଫା ୭ଆର୍ ଭିଆଇରେ ରହିଛି ୬୬.୮ ମେଗାପିକ୍‌ସେଲ୍ ଫୁଲ୍‌ଫ୍ରେମ୍ ଏକ୍ସମୋର ଆର୍‌ଏସ୍ ସେନ୍‌ସର, ୫-ଆକ୍ସିସ୍ ଅପ୍ଟିକାଲ୍ ଇମେଜ୍ ଷ୍ଟାବିଲାଇଜେସନ ଓ ଅଟୋ ହ୍ୱାଇଟ୍ ବାଲାନ୍ସ ଯାହା ହାଇ-ରିଜଲ୍ୟୁସନ ସୁଟିଂ ପାଇଁ ବେଶ୍ ଉପଯୁକ୍ତ। ସ୍ପଷ୍ଟତାର ସହିତ ନିରନ୍ତର ସୁଟିଂ ପାଇଁ ଏହି କ୍ୟାମେରାରେ ବିଓ ଏକ୍ସଆର୍୨ ଇଞ୍ଜିନ ସହିତ ଏଆଇ ପ୍ରୋସେସିଂ ୟୁନିଟ୍ ଓ





ବାସ୍ତବ ସମୟ ଚିହ୍ନଟ ପାଇଁ ଏଏଫ୍+ ସୁବିଧା ରହିଛି ଯାହା ଦ୍ରୁତ ଗତିଶୀଳ ବିଷୟକୁ ସହଜରେ ଚିହ୍ନଟ କରି ତୋଳିଧରିପାରିବ। ପ୍ରଫେସନାଲମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି କ୍ୟାମେରାରେ ନୂଆ ଏନ୍‌ପି-ଏସ୍‌ଏ ୧୦୦ ଉଚ୍ଚ ଦକ୍ଷତାପୂର୍ଣ୍ଣ ୨୬୭୦ ଏମ୍‌ଏଏଚ୍ ବ୍ୟାଟେରି ରହିଛି ଯାହା ୭୧୦ ସ୍ଥିର ଚିତ୍ରକୁ ସମର୍ଥନ କରିବ। ଉତ୍ତାପ ପରିଚାଳନା ପାଇଁ ମଧ୍ୟ ଏଥିରେ ସୁବିଧା ରହିଛି ଯାହା ଫଳରେ ୧୨୦ ମିନିଟ୍ ପର୍ଯ୍ୟନ୍ତ ୮କେ ମୁଭି ରେକର୍ଡିଂ କରିହେବ। ଏଥିରେ ଡୁଆଲ୍ ୟୁଏସ୍‌ବି ଟାଇପ୍-ସି ପୋର୍ଟ ରହିଛି ଯାହା ଫଳରେ ଏକସଙ୍ଗେ କ୍ୟାମେରା ଚାର୍ଜିଂ ହେବା ସହ ଡାଟା ସ୍ଥାନାନ୍ତର ହୋଇପାରିବ। ଏହାକୁ ଯଥେଷ୍ଟ ହାଲୁକା କରିବା ପାଇଁ ଏଥିରେ ମ୍ୟାଗ୍ନେସିୟମ ଆଲୟ ବ୍ୟବହାର କରାଯାଇଛି। ଏହାର ୪-ଆକ୍ସିସ୍ ମଲ୍‌ଟି-ଆଙ୍ଗଲ ଏଲ୍‌ସିଡି ମନିଟର ଦ୍ୱାରା ପ୍ରତିଟି କୋଣରୁ ସୁଟିଂ କରିବାର ସୁବିଧା ପ୍ରଦାନ କରିବ। ପ୍ରଫେସନାଲ ଭିଡିଓ ପ୍ରସ୍ତୁତ କରିବା ପାଇଁ ଏଥିରେ ଡୁଆଲ୍ ଗେନ୍ ସୁଟିଂ, ୩୨ ବିଟ୍ ଫ୍ଲୋଟ୍ ଅଡିଓ ଇଂଟରନାଲ୍ ରେକର୍ଡିଂ ସୁବିଧା ରହିଛି। ଏହାର ଏକ୍ସଏଲଆର୍-ଏ୪-ଏକ୍ସଏଲଆର୍ ଆଡାପ୍ଟରର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକ ମଧ୍ୟରେ ଡୁଆଲ୍ ଏଡି କନଭର୍ଟର, ୟୁଏସ୍‌ବି ଅଡିଓ କ୍ଲାସ୍ ୨ ଆଦି ରହିଛି। ଏହି କ୍ୟାମେରା ସହିତ ଏନ୍‌ପି-ଏସ୍‌ଏ ୧୦୦ ରିଚାର୍ଜେବଲ୍ ବ୍ୟାଟେରି ପ୍ୟାକ୍, ଭର୍ଟିକାଲ୍ ଗ୍ରିପ୍ ଭିଜି-ସି୬, ବ୍ୟାଟେରି ଚାର୍ଜର ବିସି-ଏସ୍‌ଏଡି୧ ଓ ଡିସି କପଲର୍ ଡିସି-ସି୨ ରହିଛି।

୨୦୨୬ ଜୁଲାଇ ୩ ତାରିଖଠାରୁ ଆଲ୍‌ଫା ୭ଆର୍ ଭିଆଇ ସମସ୍ତ ସୋନି ସେଂଟର, ସପ୍‌ଆଟ୍‌ଏସ୍‌ସି ଡଟ୍ କମ୍ ଓ ଆମାଜନରେ ଉପଲବ୍ଧ ହେବ। ଗ୍ରାହକମାନେ ଗୋଟିଏ ଏନ୍‌ପି-ଏସ୍‌ଏ୧୦୦ ବ୍ୟାଟେରି ଯାହାର ମୂଲ୍ୟ ୧୦,୪୯୦ ଟଙ୍କା ତାହାକୁ ମାଗଣାରେ ପାଇପାରିବେ। ଏହାର ମୂଲ୍ୟ ୪,୭୦,୯୯୦ ଟଙ୍କା ରହିଛି।

# ଭୁବନେଶ୍ୱରରେ ୨୩ତମ ଜାତୀୟ ସିଏ ସମ୍ମିଳନୀ ଉଦ୍‌ଘାଟିତ

**ଭୁବନେଶ୍ୱର, ୫।୭ (ନି.ପ୍ର) :** 'ଦି ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ICAI) ର ଭୁବନେଶ୍ୱର ଶାଖା (EIRC) ପକ୍ଷରୁ ଆୟୋଜିତ ୨୩ତମ ଜାତୀୟ ସିଏ ସମ୍ମିଳନୀ ୨୦୨୬ ସ୍ଥାନୀୟ ମେ'ଫେୟାର କନଭେନସନଠାରେ ଭବ୍ୟ ଭାବେ ଉଦଘାଟିତ ହୋଇଯାଇଛି। ଚଳିତ ବର୍ଷ ଏହି ସମ୍ମିଳନୀର ମୂଳ ବିଷୟବସ୍ତୁ (ଥିମ୍) "ଇନଫିନିଟି – ବିୟଣ୍ଡ ବାଉଣ୍ଡାରିଜ୍" ରହିଛି। ସମ୍ମିଳନୀର ପ୍ରାରମ୍ଭରେ ଭୁବନେଶ୍ୱର ଶାଖାର ଅଧ୍ୟକ୍ଷ ସିଏ (ଡ.) ଗୌତମ ଲେଙ୍କା ସ୍ୱାଗତ ଭାଷଣ ଦେଇ ଦେଶର ବଦଳୁଥିବା ଆର୍ଥିକ ଓ ପ୍ରଯୁକ୍ତିଗତ ପରିବେଶରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ବୃଦ୍ଧିଶୀଳ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାପରେ କନଫରେନ୍ସ ହୋଷ୍ଟିଂ କମିଟିର ଅଧ୍ୟକ୍ଷ ସିଏ ପ୍ରଶାନ୍ତ ପଣ୍ଡା ସମ୍ମିଳନୀର ଉଦ୍ଦେଶ୍ୟ ଓ ଏହାର ଗୁରୁତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଓଡଇଓର କେନ୍ଦ୍ରୀୟ ପରିଷଦ ସଦସ୍ୟ ତଥା



କନଫରେନ୍ସ ଡିରେକ୍ଟର ସିଏ ରବି କୁମାର ପଟୱା ଏବଂ ସିଏ ସଞ୍ଜୀବ ସାଙ୍ଗୀ ନିଜ ଅଭିଭାଷଣରେ ସିଏ ପେଶାରେ ଜ୍ଞାନର ଅଦ୍ୟତନ (Update), ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ବୃତିଗତ ଉତ୍କର୍ଷର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

ଉଦଘାଟନୀ ଅଧିବେଶନର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା ଓଡ଼ିଶାର ସିଏ ଫାଇନାଲ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଶୀର୍ଷ ସ୍ଥାନ ହାସଲ କରିଥିବା ଦୁଇଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ। ଏହି ଅବସରରେ ସେମାନଙ୍କୁ ସମ୍ମାନିତ କରାଯିବା ସହ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଏହାସହିତ ସମ୍ମିଳନୀର ଏକ ବିଶେଷ ସ୍ମରଣିକା (Souvenir) ମଧ ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟସଭା ସାଂସଦ ଶ୍ରୀ ଦିଲୀପ ରାୟ ନିଜ ଅଭିଭାଷଣରେ କହିଥିଲେ ଯେ, ଦେଶର ଆର୍ଥିକ ବିକାଶ, ସୁଶାସନ ଓ ଆର୍ଥିକ ଶୃଙ୍ଖଳା ରକ୍ଷାରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟମାନଙ୍କ ଅବଦାନ ଅତ୍ୟନ୍ତ ପ୍ରଶଂସନୀୟ। ସେ ଯୁବ ପେଶାଦାରମାନଙ୍କୁ ନିରନ୍ତର ଜ୍ଞାନାର୍ଜନ କରିବା ସହ ଆଗାମୀ ଦିନର ନୂତନ ଆହ୍ୱାନଗୁଡ଼ିକର ସାମ୍ନା କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଭୁବନେଶ୍ୱର ଶାଖାର ସଚିବ ସିଏ ସୌମ୍ୟ ସୁନୀଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

